Weekly Multilingual
ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182
Rs - 5.00
ଭାଗ:୧, ସଂଖ୍ୟା: ୪୯, ଭୁବନେଶ୍ୱର, ଅକ୍ଟୋବର ୨୧-୨୭, ୨୦୨୪, Vol: 1, Issue: 49, Bhubaneswar, October-21-27, 2024, Pages- 8

# ଧର୍ମମାସ କାର୍ତ୍ତିକ ଓ ହବିଷ୍ୟାଳିଙ୍କ ଦୁଃଖ

## ➲ ପୁରୀରେ ଆନ୍ଦୋଳନକୁ ଓହ୍ଲାଇଲେ ହବିଷ୍ୟାଳୀ
## ➲ ହବିଷ୍ୟାଳି ମା'ମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ: ମୁଖ୍ୟମନ୍ତ୍ରୀ



ପୁରୀ, : ଆରମ୍ଭ ହୋଇଛି କାର୍ତ୍ତିକ ବ୍ରତ। କାର୍ତ୍ତିକରେ ପୁଣ୍ୟ ଅର୍ଜନ ପାଇଁ ପୁରୀରେ ଭିଡ ଲଗାଇଛନ୍ତି ହବିଷ୍ୟାଳି। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର। ତେବେ ଏହାରି ଭିତରେ ବଡ଼ ସୂଚନା ମିଳିଛି କି, ପୁରୀରେ ହବିଷ୍ୟାଳିମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୃନ୍ଦାବତୀ ନିବାସ ସାମ୍ନାରେ ହବିଷ୍ୟାଳିମାନେ ଏକାଠି ହୋଇ ଆନ୍ଦୋଳନ କରିଛନ୍ତି। ପଞ୍ଜୀକରଣ କରି ନ ଥିବା ହବିଷ୍ୟାଳିମାନେ ରହଣି ଦାବି କରି ଆନ୍ଦୋଳନ କରୁଛନ୍ତି। ଏନେଇ ଘଟଣାସ୍ଥଳରେ ଆନ୍ଦୋଳନକାରୀଙ୍କୁ ବୁଝାସୁଝା ପାଇଁ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ପହଞ୍ଚିଛନ୍ତି। ଉପଜିଲାପାଳ କହିଛନ୍ତି, ପ୍ରଥମେ ପଞ୍ଜୀକୃତ ହବିଷ୍ୟାଳିଙ୍କ ଲାଗି ବ୍ୟବସ୍ଥା କରାଯିବ। ଏହା ପରେ ସ୍ଥାନ ଫାଙ୍କା ରହିଲେ ଅଣପଞ୍ଜୀକୃତ ହବିଷ୍ୟାଳିଙ୍କୁ ଦିଆଯିବ। ଅଣପଞ୍ଜୀକୃତ ହବିଷ୍ୟାଳିଙ୍କୁ ନେଇ ପୁରୀରେ ସମସ୍ୟା ଉପୁଜିବା ପରେ ଶୁକ୍ରବାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ। ସେ କହିଛନ୍ତି, ଯେଉଁ ମା'ମାନେ ଆସିଛନ୍ତି ସମସ୍ତଙ୍କ ପାଇଁ ରହିବା ବ୍ୟବସ୍ଥା ହେବ। ପଞ୍ଜୀକୃତ କରି ଆସି ନ ଥିବା ହବିଷ୍ୟାଳି ମା'ମାନେ ରହିବେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସ୍ଥାନାଭାବ ହେଲେ ବି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ମୁଁ ଏନେଇ ଜିଲା ପ୍ରଶାସନ ସହ ଆଲୋଚନା କରିସାରିଛି।

ପୂଣ୍ୟମାସ 'କାର୍ତ୍ତିକ' ପାଇଁ ପୁରୀ ଶ୍ରୀମନ୍ଦିରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷ୍ୟାଳିମାନେ ଏକଜୁଟ ହୋଇଛନ୍ତି। ବ୍ରତରଖି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ବରିଷ୍ଠ ନାଗରିକମାନେ ଲକ୍ଷ୍ୟ ରଖୁଛନ୍ତି। ଏହାରି ମଧ୍ୟରେ କିଛି ତ୍ରୁଟି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ବିଭିନ୍ନ ଗଣମାଧ୍ୟମରେ କିଛି ହବିଷ୍ୟାଳି ମା'ମାନଙ୍କ ଅସୁବିଧା ବିଷୟରେ ଅବଗତ ହେବା ପରେ ମୁଁ ବ୍ୟକ୍ତିଗତ ଭାବେ ବିଭାଗୀୟ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ ତଥା ଜିଲ୍ଲାପାଳଙ୍କୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଶ୍ରୀଜଗନ୍ନାଥ ଧାମ ପୁରୀ ଠାରେ ବାହାର ଜିଲ୍ଲାରୁ ଆସି ହବିଷ୍ୟବ୍ରତ ପାଳନ କରୁଥିବା ହବିଷ୍ୟାଳି ମା'ମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଭୁ ଜଗନ୍ନାଥ ଆପଣ ସମସ୍ତଙ୍କ ବ୍ରତ ସଫଳ କରନ୍ତୁ। କାର୍ତ୍ତିକ ବ୍ରତ ଆରମ୍ଭ ହୋଇଯାଇଥିବାରୁ ହବିଷିଆଳିମାନେ ଶ୍ରୀକ୍ଷେତ୍ର ମୁହାଁ ହୋଇଛନ୍ତି। ପୂର୍ବରୁ ୩ହଜାରରୁ ଅଧିକ ହବିଷିଳି ବିଭିନ୍ନ ଶିବିରରେ ରହୁଥିଲେ। କିନ୍ତୁ ଚଳିତବର୍ଷ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ହବିଷିଆଳି ଯୋଜନାରେ ଜିଲ୍ଲା ପ୍ରଶାସନ ୨୫ଶହ ଲୋକଙ୍କ ରହିବା ବ୍ୟବସ୍ଥା କରିଛି। ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣମଣ୍ଡପ ଓ ଅକ୍ଷୟପାତ୍ର ଫାଉଣ୍ଡେସନ୍ ଗୃହରେ ଖୋର୍ଦ୍ଧା ଜିଲ୍ଲାର ହବିଷିଆଳି ଏବଂ ବୃନ୍ଦାବତୀନିବାସରେ ବାକି ୨୯ଟି ଜିଲ୍ଲାର ହବିଷିଆଳିଙ୍କ ରହିବା ବ୍ୟବସ୍ଥା କରାଯାଇଛି। ଅନ୍ୟପଟରେ ହବିଷିଆଳି ଯୋଜନାରେ ରହିବାକୁ ସାରା ରାଜ୍ୟରୁ ୩୬ରୁ ଅଧିକ ବ୍ରତଧାରୀମାନେ ନାମ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ କାଣ୍ଟଛାଣ୍ଟ କରି ୨୫ଶହଙ୍କୁ ରହିବା ବ୍ୟବସ୍ଥା କରାଯାଇଛି ଓ ବାକି ପ୍ରାୟ ୧୧ଶହ ଆବେଦନପତ୍ରକୁ ନାକଚ କରାଯାଇଛି। ହେଲେ ନାକଚ ହୋଇଥିବା କିଛି ଆବେଦନକାରୀ ବିଭିନ୍ନ ଶିବିରରେ ପହଞ୍ଚିଥିଲେ। ଏଥିସହ ବିନା ପଞ୍ଜୀକରଣରେ ଆଜି ୫ଶହରୁ ଅଧିକ ବୃଦ୍ଧା ବ୍ରତଧାରୀ ହବିଷିଆଳି ଶିବିରରେ ପହଞ୍ଚି ରହିବାକୁ ଜିଦ୍ ଧରିଥିଲେ। ଯାହା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା। ଦାୟିତ୍ୱରେ ଥିବା ଅଧିକାରୀମାନେ ଏହି ବୃଦ୍ଧାମାନଙ୍କୁ ବୁଝାଇ ବୁଝାଇ ନାକେଦମ୍ ହୋଇଛନ୍ତି। ତଥାପି ସେମାନେ ବୁଝିବାକୁ ନାରାଜ ଥିଲେ। ହବିଷିଆଳିମାନେ ଅଭିଯୋଗ କରିଛନ୍ତି, ଗତବର୍ଷ ୫ଟି ଜାଗାରେ ହବିଷିଆଳିଙ୍କ ରହିବା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଚଳିତବର୍ଷ ୪ଟି ଜାଗାରେ ହବିଷ୍ୟାଳିଙ୍କ ରହିବା ବ୍ୟବସ୍ଥା କରାଯାଇଛି। ବାଗେଡିଆ ଧର୍ମଶାଳାରେ ଚଳିତବର୍ଷ କୌଣସି ହବିଷିଆଳିଙ୍କୁ ରଖିବା ବ୍ୟବସ୍ଥା କରାଯାଇନି। ସେପଟେ ଆଉ ରହିବା ପାଇଁ ସେଭଳି ମଠ, ମନ୍ଦିର ବି ନାହିଁ। ଏଣୁ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଏତେ କାଣ୍ଟଛାଣ୍ଟ କାହିଁକି ଯାହା ହବିଷିଆଳିଙ୍କ ରହିବାରେ ଅସୁବିଧା ସୃଷ୍ଟି କରିଛି ବୋଲି ହବିଷିଆଳିମାନେ ଅଭିଯୋଗ କରିଛନ୍ତି।



## ସଂ ପା ଦ କୀ ୟ

# ଅତିଥି ସେବାର ଆନନ୍ଦ

ସାମ୍ପ୍ରତିକ ଯୁଗରେ ଆତିଥ୍ୟ ସଭ୍ୟତାର ପଥ ବାହାରେ ଏକ ବୋଝ ପାଲଟିଛି। ଆଜିର ସମୟରେ ଲୋକମାନଙ୍କ ମାନସିକତାରେ 'ଅତିଥି' ଶବ୍ଦର ସଂଜ୍ଞା ସାମାନ୍ୟ ଭିନ୍ନ ଭାବରେ ପ୍ରତୀୟମାନ ହୁଏ। ଅତିଥିମାନଙ୍କ ଆଗମନରେ କମ୍ ଖୁସି ଏବଂ ଅଧିକ ଚିନ୍ତା ମନକୁ ସ୍ପର୍ଶ କରେ। ତାଙ୍କର ଚର୍ଚ୍ଚା ଓ ଆତିଥେୟତା ବିଷୟରେ ଚିନ୍ତା କରିବା ପରିବର୍ତ୍ତେ ସେମାନେ କିପରି ଯଥାଶୀଘ୍ର ଘରୁ ପ୍ରସ୍ଥାନ କରିବେ ସେ ଚିନ୍ତା ମନକୁ ଆହୁରି ଅଧିକ ଆନ୍ଦୋଳିତ କରିଥାଏ। ଆଜିର ବିଶୃଙ୍ଖଳିତ ସମୟ ଓ ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ବିଭିନ୍ନ ପ୍ରକାରର ସମସ୍ୟାରେ ପରିପୂର୍ଣ୍ଣ। ତେଣୁ ଅତିଥିମାନଙ୍କୁ ଆତିଥ୍ୟ ପ୍ରଦାନ କରିବାର ଅତିରିକ୍ତ ଅସୁବିଧା ନେବା ଏକ ବୋଝ ଭଳି ଲାଗେ। ତେଣୁ ଅଧିକାଂଶ କ୍ଷେତ୍ରରେ ଆତିଥ୍ୟ ଜନିତ ବୋଝରୁ ମୁକ୍ତି ପାଇବା ପାଇଁ ଅନେକ କୌଶଳ ଚିନ୍ତା କରାଯାଇଥାଏ। ମିଥ୍ୟା ଘଟଣା ଓ ପରିସ୍ଥିତି ତିଆରି କରି ସେମାନଙ୍କୁ ପଲାୟନ କରିବାକୁ ମଧ୍ୟ ପ୍ରୟାସ କରିବାକୁ ହୁଏ। ବାସ୍ତବତା ହେଉଛି ଗୋଟିଏ ବନ୍ଧନ ମଧ୍ୟରେ ବାନ୍ଧି ହୋଇ ଜଣେ ମଣିଷ ଅନ୍ୟ ଜଣେ ମଣିଷ ସହ ବିଭିନ୍ନ ସମ୍ପର୍କରେ ସମାଜ ମଧ୍ୟରେ ବସବାସ କରିଥାଏ। ତେଣୁ ଜଣେ ବ୍ୟକ୍ତି ଆମେ ବାସ କରୁଥିବା ସ୍ଥାନକୁ ଅତିଥି ଭାବରେ ଆସିବା ସ୍ୱାଭାବିକ। ସେହିଭଳି, ଆମକୁ ଅତିଥି ଭାବରେ ଅନ୍ୟ ଜଣେ ସମ୍ପର୍କୀୟଙ୍କ ବାସ ସ୍ଥାନକୁ ମଧ୍ୟ ଯିବାକୁ ପଡ଼ିଥାଏ। ଯଦି 'ଅତିଥି' ଶବ୍ଦକୁ ବିଶ୍ଳେଷଣ କରାଯାଏ, ତେବେ ଅ-ତିଥି, ତଥା ବିନା ତିଥି, ନକ୍ଷତ୍ର, ଯୋଜନା, ଖବର ଓ ସନ୍ଦେଶରେ ଯେଉଁ ବ୍ୟକ୍ତି ଅବା ସମ୍ପର୍କୀୟ ଘରେ ଆସି ହଠାତ ପହଞ୍ଚିଥା'ନ୍ତି, ତାଙ୍କୁ 'ଅତିଥି' ଆଖ୍ୟା ଦିଆଯାଇଥାଏ। ଏକଦା ଭାରତୀୟଙ୍କ ଆତିଥ୍ୟ ସମଗ୍ର ବିଶ୍ୱରେ ପ୍ରଶଂସିତ ହୋଇଥିଲା। ଏଠାରେ ଅତିଥିଙ୍କୁ ଦେବତା ପରି ବିବେଚନା କରାଯାଏ। ଅତିଥିମାନଙ୍କର ପ୍ରତ୍ୟେକ ଇଚ୍ଛାକୁ ସମ୍ମାନ ଦିଆଯାଏ। ଏପରିକି ଜଣେ ଶତ୍ରୁକୁ ମଧ୍ୟ ନିଜର ବାସସ୍ଥାନକୁ ଆଗମନରେ ଅତିଥି ଓ ଦେବତାଙ୍କ ମାନ୍ୟତା ଦିଆଯାଇଥାଏ। ଜଣେ ବ୍ୟକ୍ତିର ଆଚରଣ, ବ୍ୟବହାର ଓ ମାନସିକତାର ପ୍ରତିବିମ୍ବ ହେଉଛି ଅତିଥି ପ୍ରତି ଥିବା ତା'ର ବାସ୍ତବ ଆତିଥେୟତା। କିଛିଦିନ ତଳେ ଅତିଥି ସତ୍କାର ବିଷୟବସ୍ତୁକୁ ଆଧାର କରି ସାମାନ୍ୟ ବ୍ୟକ୍ତିଗତ ବାର୍ତ୍ତାଳାପ ମଧ୍ୟରେ ଜଣେ ବନ୍ଧୁ ଆତିଥେୟତା ପ୍ରଦାନକୁ ଏକ କଷ୍ଟକର ବ୍ୟାପାର କାର୍ଯ୍ୟକଳାପ ଓ ଅଗ୍ରହଣୀୟ ଦାୟିତ୍ୱ ଭାବରେ ଗ୍ରହଣ କରିବା ବିଷୟଟି ମୋ' ମନ ମଧ୍ୟରେ କିଛି ମାନସିକ ଉଦାସୀନତା ସୃଷ୍ଟି କରିଥିଲା। ତାଙ୍କ ମନ ମଧ୍ୟରେ ଥିବା ଉକ୍ତ ନକାରାତ୍ମକ ଭାବନା ଓ ପ୍ରଶ୍ନ ସବୁର ଉତର ଦେବାକୁ ଯାଇ ସାମାନ୍ୟ ନିରବତାକୁ ଭଙ୍ଗ କରି ମୁଁ ଟିକିଏ ରୁଦ୍ଧ ଗଳାରେ କହିଲି, 'କେଉଁ ଜଣେ ଦୂର ବନ୍ଧୁ ଅବା ସମ୍ପର୍କୀୟ ନିଜ ଅଂଚଳକୁ ଆସିବା କଥା ଶୁଣି ମନରେ ସ୍ୱତଃ ଅଜଣା ଖୁସିଟିଏ ସୃଷ୍ଟି ହୁଏ। ତାଙ୍କୁ ପ୍ରଦାନ କରିବାକୁ ଥିବା ସାହଚର୍ଯ୍ୟକୁ ଗୋଟିଏ ସୁଯୋଗ ଭାବରେ ଅଭିହିତ କରିଥାଏ। ଉକ୍ତ ସମୟରେ ଯଦି କିଛି ଅସୁବିଧାର ସାମନା କରିବାକୁ ହୁଏ ତେବେ ତା'କୁ ଏକ ଖୁସି ଭାବରେ ମନ ଗ୍ରହଣ କରିନିଏ। ନିଜେ ଶାଗ ପଖାଳ ଖାଇ ତାଙ୍କୁ ନଅ ତିଅଣ ଛଅ ଭଜା ପ୍ରସ୍ତୁତ କରି ଚର୍ଚ୍ଚା ତଥା ଆତିଥେୟତା ପ୍ରଦାନ କରିବାକୁ ଅନ୍ତରରୁ ଇଚ୍ଛା ହୁଏ। ପରବର୍ତୀ ସମୟରେ ସେହି ସମୟ ଓ ସଙ୍ଗ ଗୋଟିଏ ସ୍ମୃତି, ଭଲ ଅନୁଭବ ଓ ଅନୁଭୂତି ଭାବରେ ମନ ମଧ୍ୟରେ ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଥାଏ। ଆମର ପ୍ରାଚୀନ ସଭ୍ୟତା ଓ ଶାସ୍ତ୍ରରେ ଜଣେ ଅତିଥିଙ୍କର ଆତିଥ୍ୟକୁ ସେବା କୁହାଯାଏ। ଅତିଥିମାନଙ୍କୁ ଆମ ଭାବପ୍ରବଣତା ସହିତ ଆସୁଥିବା ଦେବତାଙ୍କ ପରି ସମାନ ସ୍ଥିତି ଦିଆଯାଏ। ଅତିଥିମାନଙ୍କୁ କିପରି ସ୍ୱାଗତ କରିବେ, ସେମାନଙ୍କର ସୁବିଧାଗୁଡ଼ିକର ଯତ୍ନ ନେବେ, ତାଙ୍କର ଆଗ୍ରହ ଏବଂ ମନୋରଞ୍ଜନ ତଥା ଅସୁବିଧା ବିଷୟରେ ଜାଣିବାର କୌଶଳ ଆମ ପୂର୍ବଜଙ୍କ ନିକଟରେ ରହିଥିଲା। ଆତିଥ୍ୟ ଏକ ଭିନ୍ନ କଳା, ଯାହାକୁ ଖୁବ୍ କମ୍ ଲୋକ ଜାଣନ୍ତି। ବନ୍ଧୁ, ସମ୍ପର୍କୀୟ କିମ୍ବା ଅଜ୍ଞାତ ଅତିଥିମାନଙ୍କ ପ୍ରତି ଭାରତୀୟମାନଙ୍କର ଆତିଥ୍ୟ ପ୍ରଦର୍ଶନ ଥିଲା ତାଙ୍କର ବ୍ୟକ୍ତିତ୍ୱ ଓ ସଭ୍ୟତାର ଏକ ସ୍ୱତନ୍ତ୍ର ପରିଚୟ, ଯାହାର ଏକ ସୁନ୍ଦର ଉଦାହରଣ ଭାବରେ କୃଷ୍ଣ ଓ ସୁଦାମାଙ୍କର ବନ୍ଧୁତ୍ୱକୁ ନିଆ ଯାଇପାରେ। ଶ୍ରୀକୃଷ୍ଣ ରାଜଗାଦି ସମ୍ଭାଳିବା ପରେ ଯେତେବେଳେ ପିଲାଦିନର ବନ୍ଧୁ ସୁଦାମା ଅତିଥି ହୋଇ ତାଙ୍କର ରାଜ ନଅରକୁ ଆସିଥିଲେ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ବିବିଧ ପ୍ରଦୂଷଣକାରୀ ବାଷ୍ପ

**ଅଶୋକ କୁମାର ପାତ୍ର**

ପୃଥିବୀ ପୃଷ୍ଠର ସ୍ଥଳଭାଗର ୯୯.୮୨ ଶତାଂଶକୁ ଆଚ୍ଛାଦିତ କରିରଖିଛି ବିବିଧ ପ୍ରଦୂଷଣକାରୀ ବାଷ୍ପ ସମେତ ସ୍ୱାସ୍ଥ୍ୟପ୍ରତି ସବୁଠାରୁ ବିପଜ୍ଜନକ ରୂପେ ପରିଗଣିତ 'ବାୟୁରେ ଭାସମାନ କଠିନ ସୂକ୍ଷ୍ମ କଣିକା '୨.୫' ବା 'ପାର୍ଟିକ୍ୟୁଲେଟ୍ ମାଟର-୨.୫' (ପିଏମ୍-୨.୫)। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଏହାର ନିରାପଦ ମାତ୍ରା ଘନମିଟର ପ୍ରତି ୧୫ ମାଇକ୍ରୋଗ୍ରାମ ରୂପେ ସ୍ୱୀକୃତ ହୋଇଥିଲେ ହେଁ ପ୍ରାୟତଃ ଆମ ବାୟୁମଣ୍ଡଳରେ ତାହା ହାରାହାରି ୩୦ ରୁ ୩୨ ମାଇକ୍ରୋଗ୍ରାମ ଏବଂ ପ୍ରଦୂଷିତ ସହରମାନଙ୍କରେ ୭୦ ମାଇକ୍ରୋଗ୍ରାମ। ଏପରିକି କେତେକ ଅଂଚଳରେ ଏହା ୮୦ ମାଇକ୍ରୋଗ୍ରାମରୁ ଅଧିକ ହୋଇଥିବାର ଦେଖାଯାଉଛି। ବାୟୁ ପ୍ରଦୂଷଣରେ ଆମ ଦେଶ ସମଗ୍ର ବିଶ୍ୱରେ ଅଲୋଡ଼ା ଅଗ୍ରଣୀ ସ୍ଥାନରେ ରହିଛି। ବିଗତ ଏପ୍ରିଲ ମାସରେ ହୋଇଥିବା ଆକଳନ ଅନୁସାରେ ସର୍ବାଧିକ ୫୦ଟି ବାୟୁପ୍ରଦୂଷିତ ସହରମାନଙ୍କ ମଧ୍ୟରୁ ୩୮ଟି ଭାରତରେ ହିଁ ରହିଛି। ବିଶ୍ୱର ସର୍ବାଧିକ ବାୟୁ ପ୍ରଦୂଷିତ ସହର ତାଲିକାରେ ତୃତୀୟ ସ୍ଥାନରେ ରହିଛି ହରିୟାଣାର ଭିୱାଣ୍ଡି ସହର ଏବଂ ଚତୁର୍ଥ ସ୍ଥାନରେ ରହିଛି ଦିଲ୍ଲୀ (ବିଗତ ବର୍ଷ ଦିଲ୍ଲୀ ଶୀର୍ଷରେ ଥିଲା)। ଏସବୁ ସ୍ଥାନରେ ଗୃହ ମଧ୍ୟସ୍ଥ ବାୟୁ ବାହାର ବାୟୁ ତୁଳନାରେ ପ୍ରାୟ ୧୦ ଗୁଣ ଅଧିକ ପ୍ରଦୂଷିତ। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା ଯେ ଆମ ଦେଶର ଲୋକଙ୍କ ମଧ୍ୟରୁ ପ୍ରାୟ ୪୯ ଶତାଂଶ କାଠ, ୯ ଶତାଂଶ ଘଷି, ୨ ଶତାଂଶ କୋଇଲା, ୩ ଶତାଂଶ କିରାସିନି ଆଦି ଇନ୍ଧନ ବ୍ୟବହାର କରନ୍ତି। ଏଥିରୁ ନିର୍ଗତ ହୋଇଥାଏ ପ୍ରଚୁର ପରିମାଣରେ ବାୟୁରେ ଭାସମାନ କଠିନ ସୂକ୍ଷ୍ମ କଣିକା (ପିଏମ୍-୨.୫ ଏବଂ ପିଏମ୍-୧୦) ସମେତ ବେଞ୍ଜିନ୍, କାର୍ବନ୍ ମନୋକ୍ସାଇଡ୍, ପଲିରୋମେଟିକ୍ ହାଇଡ୍ରୋ କାର୍ବନ୍ସ, ଫରମାଲ୍ ଡିହାଇଡ୍, ସୀସା, ନାଇଟ୍ରେଟ୍ ଅକ୍ସାଇଡ୍, ଗନ୍ଧକ, ଆର୍ସେନିକ୍ ଏବଂ ଫ୍ଲୋରିନ୍ଅକ୍ସାଇଡ୍ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ହାନିକାରୀ ବାୟୁ ପ୍ରଦୂଷକ ଉପାଦାନ। ଏହାବ୍ୟତୀତ ଘର ଭିତରେ ଧୂମପାନ ଏବଂ ବିବିଧ ଯାନ୍ତ୍ରିକ ଉପକରଣ, କୀଟାଣୁନାଶକ, କୃତ୍ରିମ ବାସ୍ନା ସୃଷ୍ଟିକାରୀ ରାସାୟନିକ ପଦାର୍ଥ, ମହମବତୀ ତଥା ଅନ୍ୟାନ୍ୟ ଉଦ୍‌ବାୟୀ ରାସାୟନିକ ପଦାର୍ଥମାନଙ୍କ ବ୍ୟବହାର ମଧ୍ୟ ପ୍ରଦୂଷଣ ସମସ୍ୟାକୁ ଅଧିକ ଗୁରୁତର କରୁଛି। ଏହା ନିମୋନିଆ, ବିବିଧ ପ୍ରକାର ହୃଦ୍‌ରୋଗ, ଶ୍ୱାସକ୍ରିୟାଜନିତ ରୋଗ, ଫୁସ୍‌ଫୁସ୍ କର୍କଟ, ରକ୍ତ କର୍କଟ, ସଂଘାତ ଆଦି ରୋଗ ସୃଷ୍ଟି କରୁଛି, ଯାହା ପ୍ରତିବର୍ଷ ପ୍ରାୟ ୨ ନିୟୁତ ଲୋକଙ୍କର ଅକାଳ ମୃତ୍ୟୁର କାରଣ ପାଲଟୁଛି। ଏତଦ୍‌ବ୍ୟତୀତ ଗୃହ ମଧ୍ୟସ୍ଥ ବାୟୁ ପ୍ରଦୂଷଣ ପ୍ରଭାବରେ କମ୍ ଓଜନର ଶିଶୁ ଜନ୍ମ ହେବା ଏବଂ ଜନ୍ମକାଳୀନ ମୃତ୍ୟୁର କାରଣ ପାଲଟୁଛି। ସେଥିପାଇଁ ଏବେ ଗୃହ ମଧ୍ୟସ୍ଥ ବାୟୁ ପ୍ରଦୂଷଣ ରୋକିବା ଲାଗି ବିବିଧ ପଦକ୍ଷେପମାନ ଗ୍ରହଣ କରିବାକୁ ଉପଦେଶ ଦିଆଯାଉଛି। ତନ୍ମଧ୍ୟରୁ ସର୍ବାଗ୍ରରେ ରହିଛି ଘରୁ ଧୂଳିକଣା, ଜଳୀୟବାଷ୍ପ ତଥା ବିବିଧ ରସାୟନ ଉପାଦାନ ଓ ବାଷ୍ପ ଶୋଷଣ କରିବା ଲାଗି ବିଶୋଧନକାରୀ ଯନ୍ତ୍ରପାତି ସ୍ଥାପନ। ତେବେ ସେ ସବୁଠାରୁ ସହଜ, ଶସ୍ତା ଏବଂ ଅଧିକ ପରିବେଶ ସହାୟକ ପଦ୍ଧତିରୂପେ ଗୃହ ମଧ୍ୟରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଲଗାଯାଉଥିବା ପ୍ରଦୂଷକ ଶୋଷଣକାରୀ ନାନାଦି ଗଛଲତା ରୋପଣ ସ୍ୱୀକୃତ ହେଲାଣି। ୧୯୮୦ ଦଶକରେ ଏ ସମ୍ପର୍କରେ ପ୍ରଥମେ ସୂଚନା ଦେଇଥିଲା ଆମେରିକାର ଜାତୀୟ ମହାକାଶ ଗବେଷଣା ସଂସ୍ଥା (ନାସା)। ନାସା ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ଏହି ବୃକ୍ଷଲତାଙ୍କ ମଧ୍ୟରୁ ଅନେକଙ୍କର ପରିବେଶରୁ ଏମୋନିଆ, ବେଞ୍ଜିନ୍, ଫରମାଲଡିହାଇଡ୍, ଟ୍ରାଇକ୍ଲୋରୋଇଥିଲିନ୍, ଜାଇଲନ୍ ଆଦି ସ୍ୱାସ୍ଥ୍ୟହାନିକାରକ ରସାୟନ ତଥା ଧୂଳିକଣା ଶୋଷଣ କରିବାର ସାମର୍ଥ୍ୟ ରହିଛି। ଏହାପରେ ଏ ସଂସ୍ଥା ଏପରି ସାମର୍ଥ୍ୟ ଥିବା ଏବଂ ଗୃହ ମଧ୍ୟରେ ବଢ଼ିପାରୁଥିବା ବୃକ୍ଷଲତାମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଥିଲା ଏବଂ ପ୍ରତି ୧୦ ବର୍ଗ ମିଟର ସ୍ଥାନରେ ତହିଁରୁ ଗୋଟିଏ କରି କୁଣ୍ଡ ମଧ୍ୟରେ ଲଗାଇବାକୁ ଉପଦେଶ ଦେଇଥିଲା। ଏହାଦ୍ୱାରା ବାୟୁ ପ୍ରଦୂଷଣ ହେତୁ ଉତ୍ପନ୍ନ ନାନାଦି ଘାତକ ରୋଗ ସମେତ ଦୁଶ୍ଚିନ୍ତା, ମାନସିକଚାପ, ରକ୍ତଚାପ ବୃଦ୍ଧି ଆଦି ଦୂର ହେବା ଏବଂ ମାନସିକ ଶାନ୍ତି ମିଳୁଥିବାର ପରବର୍ତୀ ଅଧ୍ୟୟନରୁ ଜଣାପଡ଼ିଥିଲା। ଏଥିସହିତ ଏହିସବୁ ବୃକ୍ଷଲତା ଘର ଭିତରର ବାୟୁମଣ୍ଡଳକୁ ବିବିଧ ବିଷାକ୍ତ କଣିକା ଆଦିରୁ ମୁକ୍ତ ରଖୁଥିବାବେଳେ ବାୟୁକୁ ଅମ୍ଳଜାନ ସମୃଦ୍ଧ କରିବାର ଗବେଷଣାରୁ ଜଣାପଡ଼ିଥିଲା। 'ନାସା' ଦ୍ୱାରା ପ୍ରସ୍ତୁତ ଗୃହମଧ୍ୟରେ ବଢ଼ିପାରୁଥିବା ବାୟୁ ବିଶୋଧନକାରୀ ବୃକ୍ଷଲତା ତାଲିକାରେ ଆମ ଜଣାଶୁଣା ମନିପ୍ଲାଂଟ, ଘିକୁଆଁରୀ, କଇଁ, ଗୁଆ-ତାଳ, ବିବିଧ ଅର୍କିଡ, ବିବିଧ ସାନ ଫର୍ଣ୍ଣ, ରବରଗଛ, ତୁଳସୀ, ଚମ୍ପକ୍‌ପ୍ଲାଂଟ ଇତ୍ୟାଦି ରହିଛି। ତେବେ ଏଗୁଡ଼ିକର ପ୍ରଧାନ ଅସୁବିଧାଟି ହେଲା ଏହା ଆବଶ୍ୟକ କରୁଥିବା ଅଧିକ ସ୍ଥାନ। ବିଶେଷକରି ସହରାଂଚଳ ଘରମାନଙ୍କରେ ଏହିପ୍ରକାରର ବୃକ୍ଷଲତା ସ୍ଥାନ ପାଇବା କଷ୍ଟକର। ଏହାଛଡ଼ା ଏଗୁଡ଼ିକ ଆବଶ୍ୟକ କରନ୍ତି ଆଲୋକ ଓ ବାୟୁ ଚଳାଚଳ, ଜଳସେଚନ ଇତ୍ୟାଦି। ତେବେ ବର୍ତ୍ତମାନ ବୈଜ୍ଞାନିକମାନେ ଏସବୁ ଅସୁବିଧା ଦୂର କରିବା ସହିତ ବାୟୁ ବିଶୋଧନ ଦକ୍ଷତା ବୃଦ୍ଧି ନିମନ୍ତେ ନୂତନ ବୃକ୍ଷଲତାର ସନ୍ଧାନରେ ଅଛନ୍ତି। ଏ ଦିଗରେ ସେମାନଙ୍କୁ କିଛି ମାତ୍ରାରେ ସଫଳତା ମିଳିଥିବାର ୨୦୨୦ ମସିହାରେ କିଛି ଫରାସୀ ବୈଜ୍ଞାନିକ ସୂଚନା ଦେଇଛନ୍ତି। 'ଜର୍ଣ୍ଣାଲ ଅଫ୍ ଏକ୍ସପୋଜର୍ ସାଇନ୍ସ ଆଣ୍ଡ ଏନ୍‌ଭାର୍ଣ୍ଣମେଂଟାଲ୍ ଏପିଡେମିଓଲୋଜି'ରେ ଏ ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରକାଶ ପାଇଥିଲା।



## ମନ୍ଦିର ମାଳିନୀ : ଭାଗ-୫

# ପାତାଳେଶ୍ୱର ମନ୍ଦିର

ଲିଙ୍ଗରାଜ ମନ୍ଦିରକୁ ଯିବା ରାସ୍ତାରେ ଅନନ୍ତ ବାସୁଦେବ ମନ୍ଦିରର ଠିକ୍ ପୂର୍ବରୁ ପବିତ୍ର ବିନ୍ଦୁ ସାଗର କୂଳରେ ଦଶମ ଶତାବ୍ଦୀର ଏହି ଛୋଟିଆ ପ୍ରାଚୀନ ଶିବ ମନ୍ଦିରଟି ଅବସ୍ଥିତ। ଏହାକୁ ପାତାଳେଶ୍ୱର ମନ୍ଦିର ବୋଲି କୁହାଯାଇଥାଏ। ଏଠାରେ ଶିବ ଲିଙ୍ଗ ପୂଜା ପାଉଛନ୍ତି। ଏଠାର ଶିବ ଲିଙ୍ଗଙ୍କୁ ଦର୍ଶନ କରିବାକୁ ହେଲେ ମୁଖ୍ୟ ରାସ୍ତାରୁ ପ୍ରାୟ ପାଞ୍ଚ ଫୁଟ ତଳକୁ ପାହାଚରେ ଓହ୍ଲାଇ ଯିବାକୁ ପଡିବ। ବହୁ ପ୍ରାଚୀନ କଳା କୃତିର ଝଲକ ସହିତ ପୁରୁଣା ମୂର୍ତ୍ତି ଏଠାରେ ଦେଖିବାକୁ ମିଳିଥାଏ।

ଜ୍ଞାନ ରଞ୍ଜନ ମିଶ୍ର

# ପିପିଲି ଅଞ୍ଚଳର ବିକାଶ ପ୍ରତି ଆମେ ସଂକଳ୍ପବଦ୍ଧ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : ଡେଲାଙ୍ଗ ପିପିଲି ଅଞ୍ଚଳ ହେଉଛି ଐତିହ୍ୟ ସଂପନ୍ନ ସ୍ଥଳ। ବିଶ୍ୱ ପ୍ରସିଦ୍ଧ ଚାନ୍ଦୁଆର ଉତ୍ପତ୍ତି ଏଠାରେ ହୋଇଛି। ଏଠିକାର ବୀର ନାଗା ନାଚ ଅତ୍ୟନ୍ତ ଚିତ୍ତାକର୍ଷକ। ଏଠାରେ ମଧ ଅନେକ କାଳରୁ ଓଡ଼ିଶା ପ୍ରସିଦ୍ଧ ହରିରାଜପୁର, ବଳଙ୍ଗା ଓ ଓଡ଼ିଶାର ସବୁଠାରୁ ବଡ଼ ଗାଁ ଘୋରଡିଆର ଦୟଣାଚୋରି ମେଳଣ ଅନୁଷ୍ଠିତ ହୋଇଆସୁଅଛି। ତେଣୁ ଏପରି ଐତିହ୍ୟ ସଂପନ୍ନ ସ୍ଥଳର ଶିଳ୍ପୀ ଓ କାରୀଗର ମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ। ଗତକାଲି ସନ୍ଧ୍ୟାରେ ପିପିଲି ନିକଟସ୍ଥ ଅଲାରପୁର ଠାରେ ସ୍ଥାନୀୟ ହରଦୂର୍ଗା କ୍ଲବ୍ ପକ୍ଷରୁ ଆୟୋଜିତ କୁମାର ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଥର ପାଇଁ ଆପଣମାନେ ଓଡ଼ିଶାର ଶାସନ ଦାୟିତ୍ୱ ଭାରତୀୟ ଜନତା ପାର୍ଟିକୁ ଦେଇଛନ୍ତି। ପିପିଲି ଅଞ୍ଚଳକୁ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ କେବଳ ହିଂସା ଓ ଅରାଜକତାରେ ଭରି



ଦେଇଥିଲେ। ଆମ ସରକାର ଏଭଳି ମାନସିକତା ରଖିଥିବା ବ୍ୟକ୍ତିଙ୍କୁ ନିନ୍ଦା କରେ। ଏହି ମହାନ୍ ଭୂମି ଜଗନ୍ନାଥ ସଂସ୍କୃତି ସହିତ ସଂପୃକ୍ତ ହୋଇ ପୂତ ଓ ପବିତ୍ର ଅଟେ। ଏହି ଅଞ୍ଚଳର ବିକାଶ ପ୍ରତି ଆମେ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପିପିଲି କଥା ମନକୁ ଆସିଲେ ଏକ ସୁନ୍ଦର ପ୍ରତିଛବି ଆଖି ସାମ୍ନାକୁ ଆସିଯାଏ। କେତେ ସୁନ୍ଦର ସୁନ୍ଦର ଚାନ୍ଦୁଆ ତିଆରି କରନ୍ତି ଆପଣ ମାନେ। ଆପଣଙ୍କ ହାତ ତିଆରି ଚାନ୍ଦୁଆ ଏତେ ସୁନ୍ଦର ଯେ ମହାପ୍ରଭୁ ଜଗନ୍ନାଥ ମଧ୍ୟ ସେସବୁକୁ ଭଲ ପାଆନ୍ତି। ରଥଯାତ୍ରା ବେଳେ, ତିନି ରଥକୁ ଆପଣ ମାନେ ହିଁ ସଜେଇ ଥାନ୍ତି। ଅଦ୍ଭୁତ ଆପଣଙ୍କ କଳା କୌଶଳ ! ମୁଁ ଏଠାକାର ଶିଳ୍ପୀମାନଙ୍କୁ ପ୍ରଣାମ କରୁଛି। ଆପଣ ମାନଙ୍କୁ ବୃହତ୍ ବଜାର ଯୋଗାଇବା ସହିତ, ଆପଣଙ୍କ କଳା ନିପୁଣତାକୁ ସମ୍ମାନ ଜଣାଇବା ପାଇଁ ଆମେ ନିରନ୍ତର ଚେଷ୍ଟା କରିବୁ ବୋଲି ସେ କହିଥିଲେ। ଏଥି ସହିତ ଜିଲ୍ଲା ରେ ପର୍ଯ୍ୟଟନ ର ବିକାଶ ପାଇଁ ପିପିଲି ଟୋଲ୍ ପ୍ଲାଜା ନିକଟ ରେ ପରିବେଶ ପର୍ଯ୍ୟଟନ କ୍ଷେତ୍ର ର ବିକାଶ କରାଯିବ, ବେରୋଇ ଗାନ୍ଧୀ ସ୍ମୃତି ପୀଠର ବିକାଶ ହେବ,ପ୍ରସିଦ୍ଧ ବିଶ୍ୱନାଥ ମନ୍ଦିରର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ପିପିଲି ଚାନ୍ଦୁଆ ପ୍ରକଳ୍ପ ଓ ପରିବେଶ ପର୍ଯ୍ୟଟନ କ୍ଷେତ୍ରର ବିକାଶ କାର୍ଯ୍ୟ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ସେ କହିଛନ୍ତି। ଜିଲ୍ଲାର ଚାଷୀମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଆଗମୀ ଦିନରେ ଉତ୍ତରାୟିଣୀ ଶୀତଳ ଭଣ୍ଡାରକୁ ଏକ ବୃହତ୍ ଶୀତଳ ଭଣ୍ଡାରରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଶରତ ଋତୁକୁ ଓଡ଼ିଶାରେ ପାର୍ବଣ ଋତୁ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସମୟରେ ଦୂର୍ଗାପୂଜା ଠାରୁ ଆରମ୍ଭ କରି କୁମାର ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଥାଏ। ଏହି ଅବସରରେ ଚାନ୍ଦ ପୂଜା ସହିତ ମା ଗଜଲକ୍ଷ୍ମୀଙ୍କର ପୂଜା ମଧ୍ୟ କରାଯାଇଥାଏ। ପ୍ରତ୍ୟେକ ପର୍ବ, ପ୍ରକୃତି ଓ ଐଶ୍ୱରୀୟ ଶକ୍ତିଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ମୁହୂର୍ତ୍ତ ବୋଲି ମତ ଦେଇ ଓଡ଼ିଶାରେ ବାର ମାସରେ ତେର ଯାତ ଅନୁଷ୍ଠିତ ହୁଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଦୁର୍ଗାପୂଜା ଠାରୁ କାଳୀ ପୂଜା ଓ ଦୀପାବଳି ପର୍ଯ୍ୟନ୍ତ ସମୟ ଆମ ସମସ୍ତଙ୍କ ପାଇଁ ସବୁଠାରୁ ବଡ ଆନନ୍ଦମୟ ଓ ସ୍ୱର୍ଗୀୟ ବୋଲି ସେ ମତ ଦେଇଥିଲେ। କୁମାର ଉତ୍ସବ ଜରିଆରେ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ହର ଦୁର୍ଗା ୟୁଥ୍ କ୍ଲବର ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ଏହି ଅବସରରେ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ଲୋକଙ୍କ ସୁବିଧା ଅସୁବିଧା ପ୍ରତି ସମ୍ବେଦନଶୀଳ ହୋଇ କାମ କରୁଛି।

## ଚଳିତ ଆର୍ଥିକ ବର୍ଷରୁ ଓଡ଼ିଶାରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା

ଭୁବନେଶ୍ୱର : ଚଳିତ ଆର୍ଥିକ ବର୍ଷ ଓଡ଼ିଶାରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା । ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ପାଇଁ ମିଳିତ ଭାବେ ଗୋଟିଏ କାର୍ଡ ଜାରି ହେବ । ଉଭୟ ଯୋଜନା ଅଧୀନରେ ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଏହି କାର୍ଡ ମିଳିବ ।' ଏହାଦ୍ୱାରା ରାଜ୍ୟବାସୀଙ୍କୁ ସାମାଜିକ ନିରାପତ୍ତା ମିଳି ପାରିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ମୋହନ ମାଝୀଙ୍କ ନେତୃତ୍ୱାଧୀନ ନୂଆ ସରକାର ମଧ ଆମ ରାଜ୍ୟରେ ଏହି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ପାଇଁ ଘୋଷଣା କରିସାରିଛନ୍ତି । ଆମ ରାଜ୍ୟରେ କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଓ



ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ମିଳିତ ଭାବେ ଗୋଟିଏ କାର୍ଡ ଜାରି ହେବ । ଆକଳନ ଅନୁସାରେ ଉଭୟ ଯୋଜନା ଅଧୀନରେ ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଏହି କାର୍ଡ ମିଳିବ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସାମାଜିକ ନିରାପତ୍ତା ପାଇଁ ପ୍ରଧାନମନ୍ତ୍ରୀ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ । ଆମ ରାଜ୍ୟର ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ମଧ ଏହି କାର୍ଡରେ ସ୍ୱାସ୍ଥ୍ୟ ବୀମାର ସୁବିଧା ପାଇବେ ବୋଲି କହିଛନ୍ତି ମନ୍ତ୍ରୀ। ଏଥିସହ ସେ କହିଛନ୍ତି, ଏବେ ରାସନ୍ କାର୍ଡ e-KYC ଚାଲିଛି। ଏହା ସରିବା ପରେ ରାଜ୍ୟର କେତେ ସଂଖ୍ୟକ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏହି ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପକୃତ ହେବେ ତାହା ସ୍ପଷ୍ଟ ହେବ । ପୂର୍ବର BSKY ଯୋଜନାରେ ମାତ୍ର ୯୫୭ଟି ହସ୍ପିଟାଲରେ ରାଜ୍ୟର ଲୋକଙ୍କୁ ସ୍ୱାସ୍ଥ୍ୟ ବୀମାର ସୁବିଧା ମିଳୁଥିବା ବେଳେ ଏଣିକି ଦେଶସାରା ୨୭ ହଜାରରୁ ଅଧିକ ଅନୁବନ୍ଧିତ ହସ୍ପିଟାଲରେ ଓଡ଼ିଶାର ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି କହିଛନ୍ତି ମନ୍ତ୍ରୀ।

## ୯ଟି ଆସନ ପାଇଁ ଉପ-ନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ, : ଉତ୍ତରପ୍ରଦେଶରେ ୯ଟି ଆସନ ପାଇଁ ଉପ-ନିର୍ବାଚନ ଘୋଷଣା କରାଯାଇଛି। ତେବେ ରାଜ୍ୟରେ ୧୦ ସ୍ଥାନରେ ଉପ-ନିର୍ବାଚନ ହେବାର ଥିଲା। ମାତ୍ର ବର୍ତ୍ତମାନ ୯ଟି ଆସନ ପାଇଁ ଉପ-ନିର୍ବାଚନ ଘୋଷଣା କରାଯାଇଛି। ଅଯୋଧ୍ୟା ମିଲ୍କିପୁର ଆସନ ପାଇଁ ଉପ-ନିର୍ବାଚନ ଘୋଷଣା ହୋଇନାହିଁ। ମିଲ୍କିପୁର ଆସନରେ ଉପ-ନିର୍ବାଚନ ଘୋଷଣା ହୋଇ ନ ଥିବାରୁ ବର୍ତ୍ତମାନ କେବଳ ୯ଟି ଆସନରେ ଉପ-ନିର୍ବାଚନ ଅନୁଷ୍ଠିତ ହେବ। ଆୟୋଗ ଦେଇଥିବା ସୂଚନାରେ କୁହାଯାଇଛି, ନଭେମ୍ବର ୧୩ରେ ୪୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଗୋଟିଏ ସଂସଦୀୟ ନିର୍ବାଚନମଣ୍ଡଳୀ (ୱାୟନାଡ) ପାଇଁ ଉପ-ନିର୍ବାଚନ ଅନୁଷ୍ଠିତ ହେବ। ନଭେମ୍ବର ୨୦ରେ




ଉତ୍ତରପ୍ରଦେଶର ୧ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉପ-ନିର୍ବାଚନ ଅନୁଷ୍ଠିତ ହେବ। ନଭେମ୍ବର ୨୦ରେ ମହାରାଷ୍ଟ୍ରର ଗୋଟିଏ ସଂସଦୀୟ ନିର୍ବାଚନମଣ୍ଡଳୀ (ନନ୍ଦେଡ) ପାଇଁ ଉପ-ନିର୍ବାଚନ ଅନୁଷ୍ଠିତ ହେବ। ବିଧାନସଭା ନିର୍ବାଚନ ସହିତ ନଭେମ୍ବର ୨୩ରେ ଏହି ସମସ୍ତ ଉପ-ନିର୍ବାଚନର ଫଳାଫଳ ଘୋଷଣା କରାଯିବ।

## ଆମର ଭାଷାଗତ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ସବୁ ପ୍ରକାର ପ୍ରୟାସ ହେଉଛି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପାଲି, ପ୍ରାକୃତ, ମରାଠୀ, ଆସାମୀ(ଅହମିୟା) ଏବଂ ବଙ୍ଗଳା ଭାଷାରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାକୁ ମଞ୍ଜୁର କରିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଏହି ସବୁ ଭାଷାର ଭାଷାବିତମାନଙ୍କୁ ଭେଟି ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଭାରତୀୟ ଭାଷା ଗୁଡ଼ିକୁ ଶାସ୍ତ୍ରୀୟ ଭାଷା ତାଲିକାରେ ଅନ୍ତର୍ଭୁକ୍ତ କରିଥିବାରୁ ଭାଷାବିତମାନେ ଖୁସି ବ୍ୟକ୍ତ କରିବା ସହ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ସବୁ ଭାଷାକୁ ପ୍ରୋତ୍ସାହିତ ଓ ସୁସମୃଦ୍ଧ କରିବା ଦିଗରେ ସମସ୍ତେ ନିଜର ସମର୍ଥନ ଜଣାଇଛନ୍ତି । ଏ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମ ଭାଷା ଗୁଡିକ ହେଉଛି 'ଭାରତୀୟତା'ର ପ୍ରାଣ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସରକାର ସବୁ ଭାରତୀୟ ଭାଷା ବା ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରୁଛନ୍ତି । ଜାତୀୟ ଶିକ୍ଷା ନୀତିର କଳ୍ପନା ଅନୁସାରେ ଆମର ଭାଷାଗତ



ଐତିହ୍ୟକୁ ସମ୍ମାନ ଜଣାଇବା ସହ ସଂରକ୍ଷଣ କରିବା ପାଇଁ ସବୁ ପ୍ରକାର ପ୍ରୟାସ କରୁଛନ୍ତି । ମାତୃଭାଷା ଶିକ୍ଷାକୁ ସୁଗମ କରିବା, ସମସ୍ତ ଭାରତୀୟ ଭାଷା ଉପରେ ସମାନ ଗୁରୁତ୍ୱ ଦେବା ସହିତ ବହୁଭାଷାଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଉଲ୍ଲେଖନୀୟ ଯେ, ଭାରତ ସରକାର ପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ, ମାଲାୟାଲମ୍ ଓ ଓଡ଼ିଆ ଭାଷାଗୁଡ଼ିକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇସାରିଛନ୍ତି । ଶାସ୍ତ୍ରୀୟ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସଂସ୍କୃତ ଭାଷାର ପ୍ରଚାର ପାଇଁ ସଂସଦର ଏକ ଅଧିନିୟମ ମାଧମରେ ୨୦୨୦ରେ ତିନୋଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ପ୍ରାଚୀନ ତାମିଲ ଗ୍ରନ୍ଥଗୁଡିକର ଅନୁବାଦକୁ ସୁଗମ କରିବା ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ଏବଂ ତାମିଲର ଭାଷା ଛାତ୍ରମାନଙ୍କ ପାଇଁ ପାଠ୍ୟକ୍ରମ ପ୍ରଦାନ କରିବାକୁ କେନ୍ଦ୍ରୀୟ ଶାସ୍ତ୍ରୀୟ ତାମିଲ ସଂସ୍ଥାନ ପ୍ରତିଷ୍ଠା କରାଯାଇଥିଲା । ଶାସ୍ତ୍ରୀୟ ଭାଷାର ଅଧୟନ ଏବଂ ସଂରକ୍ଷଣକୁ ଆହୁରି ବଢ଼ାଇବା ପାଇଁ ମହୀଶୁରରେ ସେଣ୍ଟ୍ରାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲାଙ୍ଗୁଏଜ୍ ଅଧିନରେ ଶାସ୍ତ୍ରୀୟ କନ୍ନଡ, ତେଲୁଗୁ, ମାଲାୟାଲମ୍ ଏବଂ ଓଡିଆରେ ଅଧୟନ ପାଇଁ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

# ପାନୀୟ ଜଳ ସମସ୍ୟା ନେଇ ବାଦୀ ଗ୍ରାମ ପଞ୍ଚାୟତ ଅଫିସ୍ ଘେରାଉ

ଖଡ଼ିଆଳ, : ପାଣି ମୁନ୍ଦାଏ ପାଇଁ ନାହିଁ ନଥିବାର ଅବସ୍ଥା। ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ସେଥିପାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣା ଦେଉଛନ୍ତି ଲୋକେ। ଏପରି ଏକ ଅଭାବନୀୟ ଘଟଣାକୁ ନେଇ ଖଡ଼ିଆଳରୁ ଦେଖିବା ଏଇ ବିଶେଷ ରିପୋର୍ଟ- ପାନୀୟ ଜଳ ସମସ୍ୟା ନେଇ ଗ୍ରାମ ପଞ୍ଚାୟତ ଅଫିସ୍ ଘେରାଉ ଖଡ଼ିଆଳ ବ୍ଲକ ବାଦି ଗ୍ରାମ ପଞ୍ଚାୟତର ବାଦି ଗ୍ରାମର ସତନାମୀ ଆମ ଗଛ ପଡ଼ାରେ ପାଣି ସମସ୍ୟା ଉତ୍କଟ, ଏଥିପାଇଁ ଲୋକେ ନାହିଁ ନଥିବାର ଅସୁବିଧା ଭୋଗ କରୁଛନ୍ତି। ସେଥିପାଇଁ ସେମାନେ ଆଜି ଗରା ବାଲଟି ଧରି ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ବାଦି ଗ୍ରାମକୁ ପାଇପ ଯୋଗେ



ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ନିକଟସ୍ଥ ଅରେଡା ଗ୍ରାମର ନଦୀରେ ଗଭୀର କୁପ ଖନନ ସହ ବାଦି ଗାଆଁ ରେ ଟାଙ୍କି ନିର୍ମାଣ ହୋଇଛି। କିନ୍ତୁ ପାଞ୍ଚ ବର୍ଷ ବିତି ଯାଇଥିଲେ ମଧ୍ୟ ବୈଷୟିକ ତ୍ରୁଟି ଯୋଗୁଁ ପାଣି ଆସୁନି। ଫଳରେ ଲୋକେ ନାହିଁ ନଥିବାର ଅସୁବିଧା ଭୋଗ କରୁଛନ୍ତି। ବସ୍ତି ପଡ଼ାରେ ନଳକୂପ ଥିବାରୁ ସେମାନେ ନଳକୂପ ପାଣି ବ୍ୟବହାର କରୁଛନ୍ତି କିନ୍ତୁ ସତନାମି ପଡ଼ାରେ ନଳକୂପ ଟିଏ ମଧ୍ୟ ନାହିଁ। ପଦବାସୀ ତିନି କିଲୋମିଟର ଦୂରରେ ଥିବା ଛତା ଗାଆଁ ରୁ ପାଣି ଆଣିଥାନ୍ତି। ବର୍ଷ ବର୍ଷ ଧରି ଏହି ସମସ୍ୟା ରହିଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନାହିଁ। ସମସ୍ୟାର ସମାଧାନ ନହେଲେ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ପଡ଼ାବାସୀ ଏବେ ଅକ୍ଟୋବର ମାସରେ ପାଣି ସମସ୍ୟା ଭୋଗୁଛନ୍ତି ପଡ଼ାବାସୀ, ଆଗକୁ ଖରା ମାସ ଆସିଲେ ସ୍ଥିତି କେମିତି ହେବ? ପ୍ରଶାସନ ଏନେଇ ପଦକ୍ଷେପ ନେବା ଜରୁରୀ ହୋଇ ପଡୁଛି। ଗାଆଁ ଗାଆଁ ରେ ବସୁଧା ଯୋଜନାରେ ପାଣି ଯୋଗାଣ ବ୍ୟବସ୍ଥା କରା ଯାଇଥିବା ବେଳେ ଦୂର ଦୃଷ୍ଟି ଅଭାବରୁ ଏହି ଗ୍ରାମରେ ପାଣି ପହଞ୍ଚି ପାରୁନି। ଏଥିପାଇଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଯୋଜନା ଫେଲ୍ ମାରିଥିବାରୁ ବିଭାଗୀୟ ଅଧିକାରୀଙ୍କ ଖାମ୍ ଖିଆଲି ମନୋଭାବ ସ୍ପଷ୍ଟ ବାରି ହେଉଛି। ପାନୀୟ ଜଳ ପାଇଁ କିଡନୀ ରୋଗ ବ୍ୟାପୁଥିବା ଅଭିଯୋଗ କରିଛନ୍ତି ଧାରଣାରତ ପଡ଼ା ବାସୀ।ଏନେଇ ଧାରଣାରତ ଲୋକଙ୍କ ସହ ଆଲୋଚନା କରି ଅତିଶିଘ୍ର ପାନୀୟ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବାଦି ସରପଞ୍ଚ ମୀନା ଜାଲ ଓ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ବେହେରା। ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଛନ୍ତି ଲୋକେ ।

# ଏଚ୍ଏସ୍ କ୍ୟାରିୟର୍ସଙ୍କୁ ବିରୋଧ କରି ସରପଞ୍ଚଙ୍କ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର



କଳିଙ୍ଗନଗର : ଯଖପୁରାଠାରେ ପାଚେରୀ ନିର୍ମାଣକୁ ନେଇ ସରପଞ୍ଚ ସହିତ ଗ୍ରାମବାସୀ ବିରୋଧ କରି ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ । କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରତ୍ୟେକ ଦିନ କିଛି ନା କିଛି ବିରୋଧ ହେଉଛି। କଳିଙ୍ଗ ନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଯଖପୁରାସ୍ଥିତ ଏଚ ଏସ୍ କେରିୟର ନାମକ କମ୍ପାନୀ ଜଖପୁରା ମୌଜାର ଖାତା ନମ୍ବର ୪୧୯ ପ୍ଲଟ ନମ୍ବର ୮୬୬ରେ ପାଞ୍ଚ ଏକର ପରିମିତ ଜମିରେ ଗାଡ଼ି ପାର୍କିଂ କରିବା ପାଇଁ ମସୁଧା କରୁଛି। ଫଳରେ ଏଚ ଏସ କେରିୟର ଅକ୍ତିଆର କରୁଥିବା ଜମିରେ ପାଚେରୀ ନିର୍ମାଣ କରୁଛି। ସ୍ଥାନୀୟ ଯଖପୁରା ଗ୍ରାମବାସୀ ଏହାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି। ଯାହାକୁ ନେଇ ଯଖପୁରା ପଞ୍ଚାୟତର ସରପଞ୍ଚ ସମେତ ଗ୍ରାମବାସୀ ବୁଧୁବାର ଦିନ ଯାଜପୁରର ଜିଲ୍ଲାପାଳ,କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଓ ଦାନଗଦି ତହସିଲଦାରଙ୍କୁ ଉକ୍ତ କମ୍ପାନୀର କାର୍ଯ୍ୟ ବନ୍ଦ କରିବା ପାଇଁ ଏକ ଦାବି ପତ୍ର ଦିଆଯାଇଛି । ସୂଚନା ଥାଉ କି ସଂପୃକ୍ତ କମ୍ପାନୀ ଟି ପୂର୍ବରୁ ନିର୍ମିତ ହେଉଥିବା ଷ୍ଟାଡିୟମ୍, ଲେବର ହଷ୍ଟେଲ ନିକଟରେ ନିଜର ପାଚେରୀ ନିର୍ମାଣ କରୁଛି।ଏହି କମ୍ପାନୀ ନିଜର ପାଚେରୀ ନିର୍ମାଣ କରିଦେଲେ ସ୍ଥାନୀୟ ଅଞ୍ଚଳରେ କୌଣସି ଗୋଚର ଜମି ରହିବ ନାହିଁ। ଫଳରେ ଗ୍ରାମବାସୀ ମାନଙ୍କ ଚଳ ପ୍ରଚଳ ପାଇଁ ଥିବା ରାସ୍ତା ସବୁ ଦିନ ପାଇଁ ବନ୍ଦ ହୋଇଯିବ। ଏଚ୍ ଏସ କେରିୟର ଅଧିଗ୍ରହଣ କରିଥିବା ଜମିରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ ବୋଲି ପୂର୍ବରୁ ଗ୍ରାମରେ ନିଷ୍ପତି ହୋଇଥିଲା।ଯଦି କାର୍ଯ୍ୟ ବନ୍ଦ ନହୁଏ ତେବେ ଆଗାମୀ ଦିନରେ ରାଜରାସ୍ତା ବନ୍ଦ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ତେବେ ବାକି ରହିଲା କେବେ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଲା।

# ଗୋଡ଼ରେ ଶିକୁଳି ବାନ୍ଧି ବିତୁଛି ଜୀବନ

ଟିକାବାଲି : କନ୍ଧମାଳ ଜ଼ିଲ୍ଲା ପାବୁରିଆ ପଂଚାୟତ ପକାରି ଗ୍ରାମର ବ୍ରଜମୋହନ ପ୍ରଧାନ ଙ୍କ ୧୫ ବର୍ଷ ବୟସ ର ପୁଅ ବିଶ୍ୱମିତ୍ର ପ୍ରଧାନ ଆଜକୁ ୨ ବର୍ଷ ହେଲିଣି ଗୋଡ଼ରେ ଶିକୁଳି ବାନ୍ଧିଜୀବନ ବିତାଉଛନ୍ତି। ବିଶ୍ୱକ୍ଷମିତ୍ର ଯେଉଁ ବୟସରେ ବହି କଲମ ଧରି ସ୍କୁଲ ଯିବାକଥା ସେହି ବୟସରେ ଗୋଡ଼ରେ ଶିକୁଳି ବାନ୍ଧି ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। କଣ ବା କରିବେ ବିଶ୍ୱାମିତ୍ର ଗୋଟେ ଗରିବ ଆଦିବାସୀ ପରିବାରର ପୁଅ ଅର୍ଥର ଅଭାବ ସହିତ ଅସଚେତନତା ପାଇଁ ଚିକିତ୍ସା ନ ହୋଇ ପାରି ଜୀବନ ଅନ୍ଧାରହେଇଛି ଖେଳି ବୁଲିବା ସମୟରେ ଅତି ବିକଳ ଅବସ୍ଥା ରେ ଜୀବନ କାଟୁଛନ୍ତି ବିଶ୍ୱକ୍ଷମିତ୍ର,ସ୍ମାଟ କାର୍ଡ ଅଛି ହେଲେ ସହଯୋଗ ନାହିଁ ସୁବିଧା ଅଛି କିନ୍ତୁ ସାହାଯ୍ୟ ନାହିଁ ପିତା ବ୍ରଜମୋହନ ଚିକିତ୍ସା ର ମାଧ୍ୟମ ନ ପାଇ ଘରେ ପକେଇରଖିଛନ୍ତି ପୁତ୍ର ବିଶ୍ୱମିତ୍ର ଙ୍କୁ... ସେହିପରି ଉକ୍ତ ଗ୍ରାମର ଗଜେନ୍ଦ୍ର କହଁର ଙ୍କ ଝିଅ ଜସ୍ମିନା କହଁର ବୟସ ପାଖାପାଖି ୬ ବର୍ଷ ହେବ ସେ ମଧ୍ୟ ମାନସିକ



ରୋଗୀ ଭାବରେ ଘରେ ପଡ଼ିରହିଛି ଏ ଦ୍ୱୟ ଙ୍କ ଉପରେ ପ୍ରଶାସନ ଦୃଷ୍ଟିଦେଇ ଚିକିତ୍ସା କରେଇବା ପାଇଁ ତୁରନ୍ତ ପଦକ୍ଷେପ ନେଲେ ହୁଏତ ସେମାନେ ଆଧୁନିକ ସଭ୍ୟତା ର ତାଳେ ତାଳେ ନିଜ ଜୀବନକୁ ବ୍ୟବହାର କରି ପାରନ୍ତେ। ଯାହାକି ପରିବାରରେ ଟିକିଏ ସୁଖ ମିଳିଥାନ୍ତା ଏ ନେଇ ପରିବାର ତରଫରୁ ସାମ୍ବାଦିକ ଙ୍କ ମାଧ୍ୟମରେ ସରକାରଙ୍କୁ ନିଜ ଦୁଃଖ ଜଣେଇଥିବା ଦେଖିବାକୁ ମିଳିଛି ।

# ରାୟଗଡ଼ା କପା ମିଲ ବନ୍ଦ ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ, ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ

ରାୟଗଡ଼ା, : ରାୟଗଡ଼ା ଜିଲ୍ଲାରେ ଅଞ୍ଚଳରେ ପରିବେଶ ପ୍ରଦୂଷଣ ସହିତ ପାନୀୟ ଜଳ ଦୂଷିତ ଆଶଙ୍କାରେ ଗାଁରେ ନିର୍ମାଣଧୀନ କପା ମିଲ ଓ ଧାନ ମିଲ ବନ୍ଦ କରିବା ପାଇଁ ଗତ ୭ ତାରିଖ ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାପାଳ ପାରୁଲ ପଟାୱରିଙ୍କୁ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ । ତେଣୁ ବାଧ ହୋଇ ମଙ୍ଗଳବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ରାୟଗଡ଼ା ବ୍ଲକ ପେଣ୍ଟା ପଞ୍ଚାୟତର ଜିଞ୍ଜିଲିବାଡ଼ି ଗ୍ରାମବାସୀ । ତେବେ ଜିଲପାଳଙ୍କ ଅନୁପସ୍ଥିତିରେ ଗ୍ରାମବାସୀ ଦାବି ପତ୍ର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ଏଥି ସହିତ ଯଦି ଉକ୍ତ କପା ଓ ଧାନ ମିଲକୁ ବନ୍ଦ କରାନଯାଏ ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ପ୍ରକାଶ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଜିଞ୍ଜିଲିବାଡ଼ି ଗ୍ରାମରେ ପୂର୍ବରୁ ଧାନ ମିଲ ରହିଛି । ଉକ୍ତ ଧାନ ମିଲରେ ଧାନ ମିଲିଂ କାରଣରୁ ଏହା ନିକଟରେ ଗ୍ରାମର କାଡ୍ରାକା କୁମାରୀଙ୍କ ଜମିରେ ଧାନ ତଷୁ ଉଡ଼ି ପଡୁଛି । ଫଳରେ କୁମାରୀଙ୍କ ଜମି ଚାଷ ଉପଯୋଗୀ ରହୁନାହିଁ । ସେ ଆଉ ଚାଷ କରିପାରୁନାହାଁନ୍ତି। ଧାନ ମିଲ ଯୋଗୁଁ ଗ୍ରାମର ପରିବେଶ ପ୍ରଦୂଷଣ



ସାଙ୍ଗକୁ ଲୋକେ ଶ୍ୱାସରୋଗର ଶିକାର ହେଉଛନ୍ତି । ବର୍ତମାନ ଜଣେ ବ୍ୟକ୍ତି ସେଠାରେ କପା ମିଲ ନିର୍ମାଣ କରୁଛନ୍ତି । କପା ମିଲ ଦ୍ୱାରା ଅଂଚଳର ପରିବେଶ ପ୍ରଦୂଷଣ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଗ୍ରାମବାସୀ । ଜନୈକ ବ୍ୟକ୍ତିଙ୍କୁ ଏହା ବନ୍ଦ କରିବାକୁ କହିଲେ ମଧ୍ୟ ସେ ନିର୍ମାଣ ବନ୍ଦ କରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ପ୍ରାୟ ୭୦ଖଣ୍ଡ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଧୀନରେ ଏକ ବଡ଼ ପାଣି ଟାଙ୍କି ସ୍ଥାପନ କରାଯାଇଛି । ହେଲେ ଏହି କପା ମିଲ ହେବା ଦ୍ୱାରା ସେଠାରେ ପାଣି ଦୂଷିତ ହେବ ବୋଲି ଗ୍ରାମବାସୀ କହିଛନ୍ତି । ଏଭଳିକି ଉକ୍ତ କପା ମିଲ ସ୍ଥାପନ ନେଇ ହେବାକୁ ଥିବା ଗ୍ରାମସଭା ମଧ୍ୟ ନକରି ଚତୁରତାର ସହିତ ମିଲ ନିର୍ମାଣ ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏହି କପା ମିଲ ନିର୍ମାଣ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# Tax Free Income

There is no tax on these earnings, check updates before filing Income Tax Return(ITR). Many people feel that the government has to pay tax on every type of income. but it's not like that. There are some sources of income on which no tax is levied. However, you will be able to save tax on these only when you have complete knowledge of the rules. In such a situation, knowledge on tax free income is required for all. Let us know on which type of income no tax is to be paid."" Tax Free Income: "Everyone wants to save tax on their hard-earned money. For this, people also take various types of measures. But, there are some incomes on which tax is not payable. You don't even have to do anything in this. You just need to know that this earning does not come under the purview of tax.

**A.** Inherited wealth: "If you inherit any property, jewelery or cash from your parents, you will not have to pay any tax. If there is a will in your name, then you do not have to pay tax on the amount received through it. However, you will have to pay tax on the income you earn from whatever property you own.

**B.** Wedding gift:"You do not have to pay any tax on any gift you receive from friends or relatives at your wedding. But, you should have received this gift around the time of your wedding. It is not that your wedding is today and you receive a gift after six months, then there will be no tax on it. Even if the value of the gift exceeds Rs 50,000, tax will be levied.

**C.** Profit received from partnership firm:"If you are a partner in a company or firm and you receive any amount as share of profit, then you will not have to pay tax on that also. Actually, your partnership firm has already paid tax on this amount. However, this exemption is only on the profits of the firm. If you get salary from the firm, then you will have to pay that tax.

**D.** Life insurance claim or maturity amount: "If you have purchased a life insurance policy, the claim or maturity amount is completely tax free. However, the condition is that the annual premium of the policy should not exceed 10 percent of its sum assured. If it exceeds this amount, the excess amount will be taxed. In some cases this discount can be up to 15 percent.

**E.** Returns received from share or equity Mutual Fund :"If you have invested in shares or equity mutual funds, then returns of Rs 1 lakh on selling them are tax free. This return is calculated under Long Term Capital Gain (LTCG). However, returns above this amount attract LTCG tax.

# Key Recommendations made by the 53rd GST Council Meeting:

1. Waiver of Interest and Penalty"Waiver of interest and penalty on demand notices issued under Section 73 for FY 2017-18, 2018-19, and 2019-20, applicable where tax is paid entirely by March 2025.

**2.** Extended Time Limit for ITC Time limit to avail ITC u/s 16(4) extended to 30th November instead of October for FY 2017-18, 2018-19, 2019-20, and 2020-21.

**3.** Monetary Limits for Appeals"Monetary limit for filing appeals by the tax department set at 20 lakh for the tribunal, ?1 crore for the High Court, and ?2 crore for the Supreme Court.

**4.** Reduced Pre-Deposit for Appellate Authority Maximum amount of pre-deposit for filing an appeal before the appellate authority reduced from ?25 crore to ?20 crore each for CGST and SGST.

**5.** Reduced Pre-Deposit for Tribunal"Pre-deposit for filing an appeal before the tribunal reduced to 20% and ?20 crore each for CGST and SGST.

**6.** Amendment in Appeal Time Limits"Amendment in law to provide that the time limit for filing appeals before the tribunal will start from the date the government notifies it.

**7.** Extension of GSTR-4 Filing Deadline"Extension of time limit to file GSTR-4 till 30th June.

**8.** No Interest on Cash Ledger Amount"Interest will not be charged for the amount available in the cash ledger at the time of filing GSTR-3B.

**9.** New Form GSTR-1A"Insertion of new Form GSTR-1A to allow corrections in GSTR-1, which can be filed before filing GSTR-3B.

**10.** Biometric Aadhar Authentication"Biometric-based Aadhar authentication on a PAN-India basis in a phased manner.

**11.** Various Clarifications Issued"Clarifications issued on various topics, including:
- 12% tax rate for milk cans"- Uniform GST rate of 12% on all carton boxes"- Clarification that all types of sprinklers will attract 12% GST and past practice to be continued"- 12% rate on all solar cases
- Services by railways, platform tickets, and other services are exempt"- Service of hostel accommodation outside educational institutions made exempt with conditions

# ଉତ୍ତରେଶ୍ୱର ଗଳାପୋଲ ପ୍ରଶସ୍ତିକରଣ ପାଇଁ ଅଢ଼େଇ ଘଣ୍ଟା ରାଜପଥ ଅବରୋଧ

ସୋର, : ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ଗଳାପୋଲ ପ୍ରଶସ୍ତି କରଣ ଦାବିରେ ବସ୍ ଷ୍ଟାଣ୍ଡ ଉପରେ ସୋର ନାଗରିକ ମଞ୍ଚର ଆହ୍ୱାନ କ୍ରମେ ଏକ ଗଣଧାରଣା ହେବା ଫଳରେ ଦୀର୍ଘ ଅଢ଼େଇ ଘଣ୍ଟା କାଳ ଉଭୟପାର୍ଶ୍ୱର ଗାଡ଼ି ମଟର ଚଳାଚଳ ଠପ୍ ହୋଇ ପଡ଼ିଥିଲା। ଯାହା ଫଳରେ ଆମ୍ବୁଲାନ୍ସକୁ ଛାଡ଼ି ଦେଲେ ସମସ୍ତ ଯାନବାହାନ ଅଟକି ରହିବା ଫଳରେ ଲୋକେ ହନ୍ତସନ୍ତ ହୋଇଥିଲେ। ଏକ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶ୍ରୁତି ପରେ ଧରାଣା ପତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସୋରର ବିଭିନ୍ନ ଅନୁଷ୍ଠାନ, ଜନସାଧାରଣ, ସମାଜସେମୀ, ରାଜନୈତିକ ନେତୃବୃନ୍ଦ ଏବଂ ବିଧାୟକ ମାଧବ ଧଡ଼ା, ଭାରପ୍ରାପ୍ତ ପୌରାଧ୍ୟକ୍ଷ ସସ୍ମିତା ଦାସ, ବ୍ଲକ ଅଧ୍ୟକ୍ଷା ଅନସୂୟା ମଲ୍ଲିକ, ନାଗରିକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତ, କଂଗ୍ରେସ ନେତା ରାଜେଶ ମହାପାତ୍ର, ଶ୍ରୀକାନ୍ତ ଜେନା, ବିଧାୟକ ପ୍ରାର୍ଥୀ ରାକେଶ ମଲ୍ଲିକ, ଅକ୍ଷୟ କୁମାର ଜେନା, ଜିଲାପରିଷଦ ସଦସ୍ୟ ଜୟରାମ ଦାସଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ଏଥିରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀଙ୍କ ଦାବି ଅନୁସାରେ ଜାତୀୟ ରାଜପଥର ଉତ୍ତରେଶ୍ୱର ଏବଂ କଲେଜଛକଠାରେ ଥିବା ସଂକୀର୍ଣ୍ଣ ଗଳାପୋଲକୁ ପ୍ରଶସ୍ତି କରଣ ପାଇଁ ସୋର ନାଗରିକ ମଞ୍ଚ ସମେତ ସମସ୍ତ ରାଜନୈତିକ ଦଳ ଓ ବିଭିନ୍ନ ଗଣ ସଂଗଠନ ଦୀର୍ଘ ବର୍ଷଧରି ଦାବି ଫଳରେ ୨୦୨୧ ମସିହା ଡିସେମ୍ବରରେ ଜାତୀୟ ରାଜପଥ ଡେପୁଟି ଜେନେରାଲ ମେନେଜର ଗଳାପୋଲ ପ୍ରଶସ୍ତି କରଣ ନିମନ୍ତେ ଅନୁମୋଦନ ସହ ଅର୍ଥ ମଞ୍ଜୁରୀ କରିଥିଲେ। ସେଗୁଡିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଉତ୍ତରେଶ୍ୱର,କଲେଜ ଛକ ଏବଂ ଥାନା ଛକ,ବାହାନଗା ଏବଂ ଚଡକମାର ଅନ୍ତର୍ଭୁକ୍ତ। ତନ୍ମଧ୍ୟରୁ ୩ ବର୍ଷ ମଧ୍ୟରେ ବାହାନଗା, ଚଡ଼କମରା ଏବଂ ବିଦୁ ପୋଲ




ସମାପ୍ତ ହୋଇଯାଇଥିବା ବେଳେ ଉତ୍ତରେଶ୍ୱର ଓ କଲେଜ ଛକ ଗଳାପୋଲ କାର୍ଯ୍ୟ ଆରମ୍ଭ ନକରି ଜମି ଅଧିଗ୍ରହଣ ଓ ଡ୍ରେନ୍ ସମସ୍ୟା ଆଳରେ ନିର୍ମାଣଧୀନ କମ୍ପାନୀ କାମ ଶେଷକରି ପଳାଇ ଯିବାକୁ ବସିଥିଲା। ନାଗରିକ ମଞ୍ଚ ବାରମ୍ବାର ନିର୍ମାଣ କାର୍ଯ୍ୟ ଉପରେ ନଜର ରଖିଥିବା ସହ, କାର୍ଯ୍ୟ ସମାପ୍ତ ଆଶଙ୍କା କରି ବାଲେଶ୍ୱର ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଆନ୍ଦୋଳନ ନୋଟିସ ଦେବା ପରେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଇନଥିଲେ। ଏହି ଆନ୍ଦୋଳନରେ ରାଜନୈତିକ ଦଳଭାବେ, ଜାତୀୟ କଂଗ୍ରେସ, ବିଜେଡ଼ି, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତୃ ବୃନ୍ଦ ଅଂଶ ଗ୍ରହଣ କରିଥିବା ବେଳେ, ଆଦର୍ଶ ଯୁବପରିଷଦ, ଲକ୍ଷ୍ୟ, ଟ୍ରକ ଚାଳକ ସଙ୍ଘ, ବସ ଚାଳକ ସଂଘ, ପ୍ରେସ କ୍ଲବ, ରାଧାନାଥ ପରିଷଦ, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିବା ବେଳେ, ମୋତିଲାଲ ମହାନ୍ତି, ଅସିତକୁମାର ଲେଙ୍କା, ରଂଜନ ଦାସ, ଅନାମ ଚରଣ ବାରିକ,ଲୋକନାଥ ରାଉତ, ଲକ୍ଷ୍ମୀଧର ବେହେରା, ଜିତେନ୍ଦ୍ର ବେହେରା, ନାଗରିକ ମଞ୍ଚରୁ ମାୟାଧର ନାୟକ, ନବକିଶୋର ଦାସ, ଡ.ନରହରି ନାୟକ, ରବି ନାରାୟଣ ଉପାଧ୍ୟାୟ, ଉଦ୍ଧବ ଚରଣ ବିଶ୍ୱାଳ, ଦାମୋଦର ଦାଶ ମହାପାତ୍ର, ମହେଶ୍ୱର ପଣ୍ଡା ପ୍ରମୁଖ ପରିଚାଳଥିଲେ। ଦୀର୍ଘ ଘଣ୍ଟା ପରେ ଧାରଣା ସ୍ଥଳରେ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି ବର୍ମା ଏବଂ ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେସ ଅରବିନ ରାଜସିର୍କେ, ସ୍ଥାନୀୟ ତହସିଲଦାର ସେକ୍ ସାଗିର, ଏସ ଡି ପି ଡ.ଶଶାଙ୍କ ଶେଖର ବେଉରା, ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଧାରଣାକାରୀଙ୍କ ସହ ଆଲୋଚନା ଅନୁଯାଇ ଏକମାସ ମଧ୍ୟରେ ଗଳାପୋଲ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ କରାଯିବାକୁ ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# Our Planet, Our Future: Small Actions, Big Impacts

In a world grappling with the environmental challenges of climate change, deforestation, pollution, and biodiversity loss, it's easy to feel overwhelmed by the magnitude of the crisis. However, the truth is that even the smallest actions, when multiplied by billions, can create a ripple effect with the potential to transform the planet. Each of us holds the power to make a difference, and our collective efforts, no matter how small, are crucial in shaping the future of our planet.

The Power of Individual Action

At first glance, a single person recycling their plastic, switching off unnecessary lights, or using a reusable bag may seem insignificant in the face of global environmental issues. But small changes in our daily habits, when adopted consistently, can create lasting impacts. For example, reducing our water usage by turning off the tap while brushing our teeth or opting for a shorter shower conserves precious resources. Using energy-efficient appliances and choosing to walk, cycle, or carpool reduces our carbon footprint, directly contributing to the reduction of greenhouse gas emissions.

Consider the widespread shift to reusable products—such as water bottles, grocery bags, and coffee cups—over the last decade. This simple yet powerful transition has not only decreased the demand for single-use plastics but also raised awareness about the importance of sustainable consumption. These individual choices collectively prevent millions of tons of plastic waste from entering landfills and oceans, demonstrating the profound impact that small changes in behavior can have on our planet.




The Ripple Effect of Conscious Consumerism

The way we consume resources also plays a pivotal role in shaping the future of our environment. Conscious consumerism—choosing eco-friendly, sustainable, and ethical products—can create a powerful ripple effect. By supporting companies and brands that prioritize sustainability, consumers send a clear message to industries: environmental responsibility matters.

This shift has led to a growing demand for products made from recycled materials, biodegradable packaging, and energy-efficient technologies. It has also encouraged industries to rethink their production processes, reduce their carbon footprints, and adopt more sustainable practices. Whether it's choosing locally sourced produce or reducing meat consumption, these small, mindful decisions contribute to a larger global movement towards environmental sustainability.

Community Efforts: Grassroots Movements

While individual actions are essential, the power of collective community efforts cannot be overstated. Grassroots movements, driven by ordinary people, have sparked significant change across the globe. From local clean-up drives to tree-planting initiatives, these movements are prime examples of how small actions can lead to big impacts.

Take, for example, the global movement to ban plastic straws, which began with small advocacy groups and has since led to widespread bans and the adoption of alternatives. Similarly, reforestation projects started by small communities have resulted in the restoration of entire ecosystems, benefiting wildlife, water cycles, and air quality. When communities come together with a shared purpose, they can influence policy, inspire others, and create lasting change.““Education and Awareness: The First Step to Action

One of the most powerful tools we have in our fight to protect the planet is education. Awareness about environmental issues empowers individuals to take informed action and make better choices. It's not just about knowing that climate change is real or that deforestation is a problem; it's about understanding how our everyday actions contribute to these issues and, more importantly, how small changes can be part of the solution.““Educational campaigns that promote environmental stewardship, both in schools and through social media, are key to fostering a culture of sustainability. By raising awareness about the consequences of our actions—such as the impact of plastic pollution on marine life or the link between excessive water usage and droughts—people are more likely to take responsibility and engage in positive environmental practices.

Small Actions, Big Impacts: What You Can Do

So, what can we do to ensure a better future for our planet? The good news is that there are countless ways to make a difference, and many of them are simple and easy to incorporate into our daily lives. Here are a few small actions that can lead to big impacts:““1. Reduce, Reuse, Recycle: Be mindful of what you throw away. Properly sorting waste and recycling can significantly reduce the amount of waste that ends up in landfills and oceans.

2. Conserve Energy: Turn off lights and appliances when not in use, and consider switching to energy-efficient alternatives like LED bulbs. Even small reductions in energy consumption can help lower greenhouse gas emissions.

3. Save Water: Fix leaky taps, take shorter showers, and use water-saving devices to conserve water. Every drop counts in the fight against water scarcity.

4. Support Sustainable Brands: Choose products from companies that prioritize environmental sustainability. Your purchasing choices can influence industries to adopt greener practices.

5. Plant Trees: Participate in or support reforestation projects. Trees absorb carbon dioxide, help prevent soil erosion, and provide habitat for wildlife.

6. Use Public Transport: Whenever possible, opt for walking, cycling, or using public transport to reduce your carbon footprint.

7. Educate Others: Spread awareness by sharing information with friends and family. Encourage them to adopt eco-friendly practices, creating a wider impact.

A Shared Responsibility

The future of our planet is a shared responsibility, and the actions we take today will determine the quality of life for future generations. As daunting as environmental challenges may seem, it's important to remember that we all have the power to contribute to a solution. By making conscious choices, reducing waste, conserving resources, and supporting sustainable practices, we can create a brighter, healthier future for our planet.““In the end, every small action matters. Whether it's turning off a light, recycling a bottle, or planting a tree, these seemingly minor actions, when multiplied by millions, become a force that can shape the destiny of our world. Together, through our collective efforts, we can ensure that the planet we leave behind is one where future generations can thrive.



**Nihar Ranjan Acharya**

*Ph. 8249775817*
*E-mail :*
*nihar.acharya@rediffmail.com*

# ସତ୍ୟବାଦୀ ବନବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ପାଳିତ



ସତ୍ୟବାଦୀ, (ଦୁର୍ଗେଶପ୍ରସାଦମିଶ୍ର): ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ଆନୁକୂଲ୍ୟରେ ଏବଂ ଉତ୍କଳମଣି ଗୋପବନ୍ଧୁ ମିଶନ ସହଯୋଗରେ ସତ୍ୟବାଦୀର ବିସ୍ମୃତ ପ୍ରତିଭା ପୁଣ୍ୟଶ୍ଳୋକ ପଣ୍ଡିତ ହରିହର ଦାସଙ୍କର ଜୟନ୍ତୀ ଏବଂ ସେହି ମହାନ ସମାଜ ସଂସ୍କାରକଙ୍କ ଜନ୍ମ ତିଥି କୁମାରପୂର୍ଣ୍ଣମୀ ତିଥିରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ଆଲୋଚନା ଚକ୍ର ଏବଂ କବିତା ପାଠ ଉତ୍ସବ ମାଧ୍ୟମରେ ଭାରତ ବିକାଶ ପରିଷଦ ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ଶ୍ରୀଯୁକ୍ତ ସତ୍ୟବାଦୀ ଦାଶଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସର ଅନ୍ତର୍ଗତ ସରକାରୀ ପ୍ରାଥମିକ ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଯୋଗଜନ୍ମା ପଣ୍ଡିତ ହରିହର ଦାସଶର୍ମା ଉତ୍କଳମଣିଙ୍କ ଆବିର୍ଭାବର ତିନି ବର୍ଷ ପୂର୍ବରୁ ଅର୍ଥାତ ତା ୦୯/୦୨/ ୧୮୭୪ରେ ଇହଲୀଳା ସମ୍ବରଣ କରିଥିଲେ ମଧ୍ୟ ଗୋପବନ୍ଧୁ ନିଜର ଗୁରୁ ମାନଙ୍କ ଠାରୁ ତାଙ୍କର ପାଣ୍ଡିତ୍ୟ ଓ ଯଶ କିର୍ତ୍ତୀ ସମ୍ବନ୍ଧରେ ଶୁଣି ତାଙ୍କୁ ନିଜର ମାନସ ପଟରେ ଅତ୍ୟନ୍ତ ଭକ୍ତି କରୁଥିଲେ । ମଧୁସୂଦନ ରାଓଙ୍କ ପରାମର୍ଶରେ ସତ୍ୟବାଦୀରେ ଯେଉଁ ବିଦ୍ୟାଳୟର ଶୁଭ ଉଦ୍ଘାଟନ କଲେ ତିଥି ଥିଲା ପଣ୍ଡିତ ହରିହରଙ୍କ ଜନ୍ମତିଥି କୁମାରପୂର୍ଣ୍ଣମୀ । ଜୀବନ କାଳ ମଧ୍ୟରେ ନିଜକୁ ଜଣେ ଅସାଧାରଣ ପଣ୍ଡିତ, ଆଧୁନିକ ଶିକ୍ଷାର ପ୍ରବର୍ତ୍ତକ, ଜଣେ ସମାଜ ସଂସ୍କାରକ ଭାବରେ ପ୍ରମାଣ କରିପାରିଥିଲେ । ପ୍ରଚଳିତ ଶିକ୍ଷା ପଦ୍ଧତିର ସଂସ୍କାର ପାଇଁ ଅନେକ ପଦକ୍ଷେପ ନେଇଥିଲେ । ତାଙ୍କ ରଚିତ "ଭାରତ ଭ୍ରମଣ "ପୁସ୍ତକ ଓଡ଼ିଶାର ପ୍ରଥମ ଭ୍ରମଣ କାହାଣୀ । ଉକ୍ତ ସଭାରେ ବିଜୟ କୁମାର ପରିଡ଼ା, ସତ୍ୟବାଦୀ ଶାଖାର ଅର୍ଥ ସଚିବ ସମ୍ମାନିତ ଅତିଥି ଏବଂ କବି ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ । ସଂଯୋଜନା କରିଥିଲେ ସୁଜାତା ଦେବୀ, ବିଶିଷ୍ଟ କବି ଏବଂ ସାହିତ୍ୟିକ ମାନଙ୍କ ମଧ୍ୟରେ ବିଶାଖା ଦେବୀ, ବିଭୁତି ହୋତା, ହୃଷିକେଶ ପାଢ଼ୀ, ଫୁଲରାଣୀ ପାଲ, ପ୍ରଫୁଲ୍ଲ ମିଶ୍ର, ବନ୍ଦନା ମହାପାତ୍ର ମହାପାତ୍ର ଯୋଗଦେଥିଲାବେଳେ ଯୁଧିଷ୍ଠିର ସାହୁ ମୁଖ୍ୟ ସହଯୋଗୀ ଥିଲେ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ ଦିଗମ୍ବର ରଥ, କବି ଫକୀର ଚରଣ ପାଢ଼ିଙ୍କ ଦ୍ୱାରା ଲିଖିତ ପୁସ୍ତକ "ତୁଷାର ମାନବ "ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

## ଆଇନକୁ ବେଖାତିର: ଗାଡି ଚଳାଉଛନ୍ତି ନାବାଳକ

ବରଗଡ଼, : ବରଗଡ଼ ଜିଲ୍ଲା ପାଇକମାଲରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢୁଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ବିହିତ ପଦକ୍ଷେପ ନିଆ ଯାଉନାହିଁ । ବଜାର ମଧ୍ୟରେ ପ୍ରତିଦିନ ଅନେକ ଭାରୀଯାନ, ଚାରି ଚକିଆ, ୨ ଚକିଆ ଗାଡି ଯାତାୟାତ କରୁଥିବାରୁ ଟ୍ରାଫିକ ସମସ୍ୟା ହେବା ହେଉଛି ।ସବୁଠାରୁ ଗୁରୁତର ବିଷୟ ହେଉଛି ନାବାଳକ, ନାବାଳିକାଙ୍କ ବେପରୁଆ ଗାଡି ଚାଳନା । ନାବାଳକ, ନାବାଳିକା ମାନେ ସ୍କୁଟି ଓ ବାଇକ ଚଳାଉଥିବାରୁ ଅନେକ ସମୟରେ



ଛୋଟ ବଡ ଦୁର୍ଘଟଣା ଘଟୁଛି ।ଏହାକୁ ଦୃଷ୍ଟି ରେ ରଖି ନାବାଳକଙ୍କ ଗାଡି ଚଳାଇବା ନେଇ ବାରଣ ପାଇଁ ବିଧିବଦ୍ଧ ଭାବେ ଆଇନ ପ୍ରଣୟନ କରାଯାଇଛି ସତ ହେଲେ ଆଇନ ଏଠାରେ ଦିଗହରା ପାଲଟି ଯାଇଛି । ଏହି ଆଇନକୁ ପାଇକମାଲ ଅଞ୍ଚଳର ନାବାଳକ ମାନୁନାହାନ୍ତି । ସରକାରୀ ନିୟମକୁ ବେଖାତିର କରି ଅବିଭାବକ ମାନେ ନିଜ ପୁଅ ଝିଅ ଙ୍କୁ ଗାଡି ଚଳାଇବା ସହ ଗଡି ପଛରେ ଖୋଦ ନିଜେ ବସିଥିବା ଦେଖିବାକୁ ମିଳିଛି । ବଜାର ଭିତରେ ନାବାଳକ ଗାଡି ଚଳାଉଛନ୍ତି ହେଲେ ପୋଲିସ କେମିତି ଜାଣିପାରୁନି ବୋଲି ସାଧାରଣରେ ଚର୍ଚ୍ଚା ହୁଏ । ନାବାଳକଙ୍କ ଗାଡି ଚାଳନା ଉପରେ କଠୋର ଆଇନ ସତ୍ତ୍ୱେ ନାବାଳକଙ୍କ ଗାଡି ଚାଳନାକୁ ଅବିଭାବକ ମାନେ ରୋକି ପାରୁନଥିବା ଚିନ୍ତାର ବିଷୟ । ବରଗଡ଼ ଆର.ଟି.ଓ, ପାଇକମାଲ ପୋଲିସ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବୀ ହୁଏ ।

# ଲୋକକଳା ଗ୍ରାମରେ ଗୋପଜୟନ୍ତୀ



ସତ୍ୟବାଦୀ (ଦୁର୍ଗେଶପ୍ରସାଦମିଶ୍ର) : ଏକଦା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର୍ମଭୂମି ଓ ସ୍ୱରାଜ ଆନ୍ଦୋଳନର ଅନ୍ତୁଡିଶାଳ ରୂପେ ପ୍ରସିଦ୍ଧି ଲାଭ କରିଥିବା ଲୋକକଳାଗ୍ରାମ ସାରଙ୍ଗଯୋଡିରେ ୧୪୭ତମ ଗୋପଜୟନ୍ତୀ ପାଳିତ ହୋଇଯାଇଅଛି ।ପୂର୍ବାହ୍ନ ୯ ଘଣ୍ଟା ସମୟରେ ସାରଙ୍ଗଯୋଡି ଗୋପବନ୍ଧୁ ମଣ୍ଡପ ଠାରେ ଉତ୍କଳମଣି ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ପରିବେଶବିଦ ତଥା କବି ସତ୍ୟନାରାୟଣ ମିଶ୍ର ଙ୍କ ସହ ସମ୍ମାନିତ ଅତିଥି ଭାବେ ନିମାପଡ଼ା ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ପବିତ୍ର କୁମାର ପ୍ରଧାନ, ପିପିଲି ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ପ୍ରହ୍ଲାଦ ରାଉତ,ସମାଜସେବୀ ନିରଞ୍ଜନ ମିଶ୍ର, କବୟିତ୍ରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀ, କବି ଦେବଦତ୍ତ ପ୍ରଧାନ, ଶିକ୍ଷାବିଦ ହେମେନ୍ଦ୍ର ନାଥ ପଟ୍ଟନାୟକ, ରାୟଖଣ୍ଡି ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ସୁଧୀର ସ୍ୱାଇଁ,ଗାୟିକାଦିଗଦର୍ଶିକା ସୁଭଦ୍ରା ନାୟକ ଯୋଗଦେଇ ପୂର୍ଣ୍ୟାତ୍ମା ଗୋପବନ୍ଧୁଙ୍କ ଅନୁକରଣୀୟ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ ।ରାଜ୍ୟର ବିଭିନ୍ନ ଅଞ୍ଚଳର କୃତୀ ଲୋକକଳା ଦଳ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜୟ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ । ପରେପରେ ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ତଥା କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ସଂପାଦକ ରମେଶ ଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ ବିଭିନ୍ନ ଲୋକକଳାକାରମାନଙ୍କର ଏକ ସାଂସ୍କୃତିକ ଶୋଭାଯାତ୍ରା ସୁଆଣ୍ଡୋ ସ୍ଥିତ ଗୋପବନ୍ଧୁଙ୍କ ଷଠୀଘର ପର୍ଯ୍ୟନ୍ତ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପ୍ରେରିତ ହିନ୍ଦୋଳର ପାଇକ ଆଖଡା,ବ୍ରହ୍ମଗିରିର ଘୋଡାନାଚ ଓ ବାଙ୍କୀର ଲଉଡି ନୃତ୍ୟ ଦଳ ସହ ଶତାଧିକ ସ୍ଥାନୀୟ ଲୋକକଳାକାର ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।ପାଲାଗାୟକ ପ୍ରତାପ ପ୍ରଧାନ ଓ ସଦାଶିବ ବରାଳ(ପୂର୍ଣସାର) ଙ୍କ ସହ ରବିନାରାୟଣ ବେହେରା, ରବୀନ୍ଦ୍ର ସାହୁ, ଲିଙ୍ଗରାଜ ଦଳାଇ,ସମୀର ପଲେଇ, ସୁଦର୍ଶନ ପ୍ରଧାନ ପ୍ରମୁଖ ଆୟୋଜନରେ ସହାୟତା କରିଥିଲେ ।ଲୋକକଳାଗ୍ରାମ ସାରଙ୍ଗଯୋଡି ର ଦୁଇ ଅନୁଷ୍ଠାନ ମା କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଏହି ଉତ୍ସବ ଗତ କିଛି ବର୍ଷ ଧରି ନିୟମିତ ଆୟୋଜନ କରାଯାଉଅଛି ।

# ସତ୍ୟବାଦୀ ବ୍ଲକ୍ ବୀରରାମଚନ୍ଦ୍ରପୁର ଯୁବସଂଘ ପକ୍ଷରୁ ୧୧୬ତମ ବାର୍ଷିକ ଉତ୍ସବ ପାଳିତ



ସତ୍ୟବାଦୀ: (ଦୁର୍ଗେଶପ୍ରସାଦମିଶ୍ର) ଗତ ୧୬-୧୦-୨୦୨୪ରିଖ କୁମାର ପୁର୍ଣିମା ଅବସରରେରେ, ସତ୍ୟବାଦୀ ବ୍ଲକ୍ ବୀରରାମଚନ୍ଦ୍ରପୁର ଯୁବସଂଘ ପାଳନ କରିଛି ଏହାର ୧୧୬ତମ ବାର୍ଷିକ ଉତ୍ସବ । ଏହି ଉପଲକ୍ଷେ ଯୁବସଂଘ ସଭାପତି ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ଓମପ୍ରକାଶ ମିଶ୍ର ମୁଖ୍ୟଅତିଥି,ପୁରୀ ସାଂସଦ ଶ୍ରୀଯୁକ୍ତ ସମ୍ବିତ ପାତ୍ର, ବଡ ଖବର ନ୍ୟୁଜ୍ ଚ୍ୟାନେଲ ମୁଖ୍ୟ ଶ୍ରୀଯୁକ୍ତ ଅର୍ଦ୍ଧେନ୍ଦୁ ଶେଖର ଦାସ, ସାକ୍ଷୀଗୋପାଳ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ସତ୍ୟବାଦୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସଂଘର କର୍ମକର୍ତ୍ତା,ଶ୍ରୀ ରଜନୀକାନ୍ତ ମିଶ୍ର, ସୌଜନ୍ୟକାନ୍ତ ଦାଶ,ଭାସ୍କର ମହାପାତ୍ର, ହିମାଂଶୁ ପତି,ସବୁଜ କେଶରୀ ମିଶ୍ର, ପ୍ରଭାତ କୁମାର ମିଶ୍ର, ବସନ୍ତ ମିଶ୍ର, ରବିନ୍ଦ୍ର ଦାଶ ଏବଂ ନିରଞ୍ଜନ ମିଶ୍ର ପ୍ରମୁଖ ସହାୟତା କରିଥିଲେ । ସଭା ସରିବାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଫଫଆଖିର ଜନମ କାନ୍ଦିବା ପାଇଁ ଫଫନାଟକ ଗ୍ରାମର କଳାକାରମାନଙ୍କୁ ନେଇ ପରିବେଷଣ କରାଯାଇଥିଲା ।

# ନାଗରିକତା ନିୟମର ଧାରା '୬କ'କୁ ବୈଧ ଘୋଷଣା କଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, : ନାଗରିକତା ନିୟମର ଧାରା '୬କ'କୁ ସୁପ୍ରିମ୍‌କୋର୍ଟ ବୈଧ ଘୋଷଣା କରିଛନ୍ତି। ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୁଡ଼ଙ୍କର କହିବା କଥା ହେଲା ୬କ ସେହି ଲୋକମାନ୍‌ଙ୍କୁ ନାଗରିକତା ପ୍ରଦାନ କରୁଛି ଯେଉଁମାନେ ସମ୍ବିଧାନିକ ପ୍ରାବଧାନ ଅନ୍ତର୍ଗତ ନୁହନ୍ତି।
ସୁପ୍ରିମକୋର୍ଟର ଏକ ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୪:୧ ବହୁମତ ଆଧାରରେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡ଼, ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏମ୍‌ଏମ୍ ସୁନ୍ଦ୍ରେଶ, ଜେବି ପାର୍ଦିୱାଲ୍ ଏବଂ ମନୋଜ ମିଶ୍ରଙ୍କୁ ନେଇ ଏହି ଖଣ୍ଡପୀଠ ଗଠିତ ହୋଇଥିଲା। ଏହି ଖଣ୍ଡପୀଠରେ ୪ ଜଣ ଧାରା '୬କ'ର ସମର୍ଥନରେ ମତ ରଖିଥିବା ବେଳେ ଜଷ୍ଟିସ୍ ଜେବି ପାର୍ଦିୱାଲ୍ ବିରୋଧରେ ଯାଇଥିଲେ। ଗତ ବର୍ଷ ଡିସେମ୍ବର ୧୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରାମଣି, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଡଭୋକେଟ ଶ୍ୟାମ ଦିୱାନ୍, କପିଲ ସିବଲ ଏବଂ ଅନ୍ୟମାନଙ୍କ ଦାଖଲ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ''ଯେଉଁ



ବାଂଲାଦେଶୀମାନେ ଜାନୁୟାରୀ ୧୯୬୬ ମସିହା ଜାନୁଆରି ପହିଲାରୁ ନେଇ ୧୯୭୧ ମସିହା ୨୫ ତାରିଖ ପୂର୍ବରୁ ଆସାମକୁ ଆସିଥିଲେ ସେମାନେ ଧାରା ୧୮ ଅନୁଯାୟୀ ନିଜର ପଞ୍ଜିକରଣ କରିବେ। ସେ ସମୟରେ ବାଂଲାଦେଶୀମାନଙ୍କୁ ନାଗରିକତା ପ୍ରଦାନ ପାଇଁ ୧୯୭୧ ମସିହା ମାର୍ଚ୍ଚ ୨୫କୁ ଶେଷ ତାରିଖ ଘୋଷଣା କରାଯାଇଥିଲା। ତେବେ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟ ଏହା ଶୁଣାଣି କରିଛନ୍ତି ଯେ '୬କ' ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ କି ୧୯୬୬ ମସିହା ଜାନୁଆରି ପହିଲା ପୂର୍ବରୁ ପ୍ରବାସିତ ହୋଇଥିଲେ। ଏହିପ୍ରକାର ଏହା ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ ଅନୁଚ୍ଛେଧ ୬ ଓ ୭ ଅଧୀନରେ ନାହାନ୍ତି।

**ଭରତପୁର ଥାନା ଘଟଣା**

# କେସ୍ ଡାଏରି ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ : ରାଜଧାନୀ ଭୁବନେଶ୍ୱରର ବହୁଚର୍ଚ୍ଚିତ ଭରତପୁର ଥାନା ଘଟଣାରେ ନିଲମ୍ବିତ ପୁଲିସ ଏସଆଇ ବୈଶାଳିନୀ ପଣ୍ଡା, ଏଏସଆଇ ସାଗରିକା ରଥ, ସଲିଳାମୟୀ ସାହୁ, କନଷ୍ଟେବଲ ବଳରାମ ହାଁସଦାଙ୍କ ଅଡୁଆ ବଢ଼ିଛି। ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠରେ ଏହି ଚାରି ପୁଲିସ କର୍ମଚାରୀଙ୍କ ତରଫରୁ ଦାୟର ପୃଥକ ଆଗୁଆ ଜାମିନ ଆବେଦନ ଗୁଡ଼ିକର ଏକତ୍ର ପ୍ରାରମ୍ଭିକ ଶୁଣାଣି ହୋଇଥିଲା। ଶୁଣାଣି ସମୟରେ ମାମଲାରେ କେସ୍ ଡାଏରି ଦାଖଲ ପାଇଁ






ସରକାରଙ୍କ ତରଫରୁ ସମୟ ଲୋଡ଼ା ଯାଇଥିଲା। ଅନ୍ୟପକ୍ଷରେ ଅନ୍ତରୀଣ ସୁରକ୍ଷା ପ୍ରଦାନ ପାଇଁ ଆବେଦନକାରୀଙ୍କ ତରଫରୁ ନିବେଦନ କରାଯାଇଥିଲା। ହାଇକୋର୍ଟ ଅକ୍ଟୋବର ୨୮କୁ ଆଗୁଆ ଜାମିନ ଆବେଦନ ଗୁଡ଼ିକର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ କେସ୍ ଡାଏରି ସହିତ ତଦନ୍ତର ସାନି ସ୍ଥିତି ନେଇ ତଥ୍ୟ ଉପସ୍ଥାପନ ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଆବେଦନକାରୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ ପାଇଁ ହାଇକୋର୍ଟ ଆଜି ମନା କରିଛନ୍ତି। ଏହି ପ୍ରସଂଗରେ କୌଣସି ନିର୍ଦ୍ଦେଶ ଆଜି ହାଇକୋର୍ଟ ଦେଇ ନାହାନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସେପ୍ଟେମ୍ବର ୧୫ରେ ଭରତପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଦୁଇ ବ୍ୟକ୍ତିଙ୍କୁ ନିର୍ଯାତନା ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରିଥିଲା। ସରକାର ଭରତପୁର ଥାନାର ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସଆଇ ବୈଶାଳିନୀ ପଣ୍ଡା, ଏଏସଆଇ ସାଗରିକା ରଥ, ସଲିଳାମୟୀ ସାହୁ, କନଷ୍ଟେବଲ ବଳରାମ ହାଁସଦାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। କ୍ରାଇମବ୍ରାଞ୍ଚ ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଏହି ପାଞ୍ଚ ଜଣ ପୁଲିସ କର୍ମଚାରୀ ସେପ୍ଟେମ୍ବର ୩୦ରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାୟର କରିଥିଲେ। ଆଜି ଅବକାଶକାଳୀନ ଖଣ୍ଡପୀଠରେ ଚାରିଜଣଙ୍କ ଆଗୁଆ ଜାମିନ ଆବେଦନର ପ୍ରାରମ୍ଭିକ ଶୁଣାଣି ହୋଇଥିଲା। ଭରତପୁର ଥାନାର ପୂର୍ବତନ ଆଇଅଇସି ଦୀନକୃଷ୍ଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନର ଆସନ୍ତା ସପ୍ତାହରେ ଶୁଣାଣି ହେବ।

# ଜଷ୍ଟିସ ସଞ୍ଜୀବ ଖାନ୍ନା ହେବେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି

ନୂଆଦିଲ୍ଲୀ : ଜଷ୍ଟିସ ସଞ୍ଜୀବ ଖାନ୍ନା ହେବେ ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି। ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅବସର ପରେ ସେ ସର୍ବୋଚ୍ଚ ନ୍ୟାୟାଳୟର ୫୧ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ।
ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିସ କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼। ଆସନ୍ତା ନଭେମ୍ବର ୧୦ରେ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଅବସର ନେବେ। ଏହାପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ନଭେମ୍ବର ୧୧ରେ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ତାଙ୍କ କାର୍ଯ୍ୟକାଳ ଛଅ ମାସ ରହିବ। ଅର୍ଥାତ୍ ଜଷ୍ଟିସ ଖାନ୍ନାଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ମେ ୧୩ରେ ଶେଷ ହେବ। ୧୯୮୩ରେ ଦିଲ୍ଲୀ ବାର୍ କାଉନସିଲରେ ପଞ୍ଜୀକରଣ ସହ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଜଷ୍ଟିସ ଖାନ୍ନା। ପ୍ରଥମେ ସେ ହଜାରି କମ୍ପ୍ଲେକ୍ସ ଜିଲ୍ଲାକୋର୍ଟରେ ଓକିଲ ଭାବେ ଅଭ୍ୟାସ କରିଥିଲେ। ଏହାପରେ ବିଭିନ୍ନ ହାଇକୋର୍ଟରେ ଓକିଲାତି କରିବା ସହ ସହକାରୀ ସରକାରୀ ଓକିଲ ଭାବେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରିଥିଲେ। ପରେ



ଆମିକସ କ୍ୟୁରି ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ଦିଲ୍ଲୀ ହାଇକୋର୍ଟର ଆଡିସନାଲ ଜଜ୍ ହୋଇଥିଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା। ୨୦୦୬ରେ ତାଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ଏହାପରେ ୨୦୧୯ରୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ସେବେଠାରୁ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରିଆସୁଛନ୍ତି। ଆଗାକୁ ସେ ଦେଶର ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com

www.voiceofvictims.co.in

Follow/Like/Subscribe :

Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process, D-3, Mancheswar Industrial Estate, Bhubaneswar, Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର